ବର୍ଷ-୨୬, ସଂଖ୍ୟା-୧୦୬
ଭୁବନେଶ୍ୱର
୧୯, ଏପ୍ରିଲ, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 106
Bhubaneswar
19, April, 2026 Sunday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମହିଳା ଅଧିକାରର ଭ୍ରୁଣ ହତ୍ୟା କରିଛନ୍ତି ବିରୋଧୀ

**ଭୁବନେଶ୍ୱର,୧୮।୪ (ମହାଭାରତ):** ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ ଖାରଜ ହେବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦେଶକୁ ସମ୍ବୋଧିତ କରିଛନ୍ତି। ମୋଦୀ ତାଙ୍କର ଏହି ସମ୍ବୋଧିତ ଭାଷଣରେ ଇଣ୍ଡି ମେଣ୍ଟ ତଥା ବିରୋଧୀ ଦଳକୁ ତୀବ୍ର ଆକ୍ରମଣ କରିଛନ୍ତି। ମୋଦୀ କହିଛନ୍ତି, ଆମର ସର୍ବୋତ୍ତମ ପ୍ରୟାସ ସତ୍ତ୍ୱେ ଆମେ ସଫଳ ହୋଇପାରିଲୁ ନାହିଁ। ନାରୀ ଶକ୍ତି ଅଧିନିୟମରେ ସଂଶୋଧନ ଗୃହୀତ ହୋଇପାରିଲା ନାହିଁ। ମୁଁ ଏଥିପାଇଁ ଦେଶର ସମସ୍ତ ମା' ଏବଂ ଭଉଣୀମାନଙ୍କୁ କ୍ଷମା ପ୍ରାର୍ଥନା କରୁଛି। ଆମ ମହିଳାଙ୍କ ସ୍ୱପ୍ନ ମଝିରେ ଚୁନା ହୋଇଯାଇଛି। ବିରୋଧୀ ମହିଳା ଅଧିକାରର ଭ୍ରୁଣ ହତ୍ୟା କରିଛନ୍ତି। ଆମ ପାଇଁ, ଦେଶର ସ୍ୱାର୍ଥ ସର୍ବୋପରି। କିନ୍ତୁ ଯେତେବେଳେ ଦଳୀୟ ସ୍ୱାର୍ଥ ଜାତୀୟ ସ୍ୱାର୍ଥ ଅପେକ୍ଷା ବଡ଼ ହୋଇଯାଏ, ସେତେବେଳେ ମହିଳା ଏବଂ ଦେଶକୁ ଏହାର ପରିଣାମ ଭୋଗିବାକୁ ପଡ଼ିଥାଏ। କଂଗ୍ରେସ, ଡିଏମକେ, ଟିଏମସି ଏବଂ ସମାଜବାଦୀ ପାର୍ଟି ଭଳି ଦଳଗୁଡ଼ିକର ସ୍ୱାର୍ଥପର ରାଜନୀତି ଯୋଗୁଁ ଏହି ଦେଶର ମହିଳାମାନେ କଷ୍ଟ ଭୋଗିଛନ୍ତି। ଏହି ଦଳଗୁଡ଼ିକ ମହିଳା ଶକ୍ତିକୁ ହାଲୁକା ଭାବରେ ନେଉଛନ୍ତି। ଏହି ପ୍ରସ୍ତାବ ପରାଜିତ ହେବା ପରେ କିଛି ଦଳ ଆନନ୍ଦରେ ତାଳି ବଜାଉଥିବା ଦେଖି ମୁଁ ବହୁତ ଦୁଃଖିତ ହୋଇଥିଲି। ସେମାନେ ଗୃହରେ ଡେସ୍କ ବେଦଉଥିଲେ। ସେତେବେଳେ ମହିଳାମାନେ ଏହି ନେତାମାନଙ୍କୁ ଦେଖିଛନ୍ତି, ସେମାନେ ମନେ ରଖିବେ ଯେ ସେମାନଙ୍କ ଅଧିକାରକୁ ଅବରୋଧ କରିବା ପାଇଁ କିଏ ଉତ୍ସବ ପାଳନ କରିଥିଲେ। ସଂସଦରେ ବିରୋଧୀଙ୍କ କାର୍ଯ୍ୟକଳାପରେ କେବଳ ଡେସ୍କ ବାଜୁନଥିଲା ବରଂ ମହିଳାଙ୍କ ଗରିମା ଏବଂ ସ୍ୱାଭିମାନ ଉପରେ ଆକ୍ରମଣ ଥିଲା। ଜଣେ ମହିଳା ଅନେକ ଜିନିଷ ଭୁଲିପାରନ୍ତି କିନ୍ତୁ ସେ କେବେବି ତାଙ୍କର ଅପମାନକୁ ଭୁଲନ୍ତି ନାହିଁ। ଏହି ଆଚରଣର ଯନ୍ତ୍ରଣା ସାରା ଦେଶର ମହିଳାମାନଙ୍କ ହୃଦୟରେ ରହିବ। ମୁଁ ଆଶା କରିଥିଲି ଯେ କଂଗ୍ରେସ ତାର ଦଶନ୍ଧି ପୁରୁଣା ଭୁଲକୁ ସଂଶୋଧନ କରିବ ଏବଂ ତା'ର ଅତୀତର ପ୍ରାୟଶ୍ଚିତ କରିବ। ଏକ ପରଜୀବୀ ପରି, କଂଗ୍ରେସ ଆଞ୍ଚଳିକ ଦଳଗୁଡ଼ିକୁ ଭୁଆଁ ବୁଲାଇ ବଞ୍ଚି ରହିଛି। କଂଗ୍ରେସ ଇତିହାସ ଲେଖିବା ଏବଂ ମହିଳାଙ୍କ ସହିତ ଠିଆ ହେବାର ସୁଯୋଗ ହରାଇଲା। ଏକବିଂଶ ଶତାବ୍ଦୀର ମହିଳାମାନେ ସବୁକିଛି ନିକଟରୁ ଦେଖୁଛନ୍ତି ଏବଂ ବୁଝୁଛନ୍ତି। ବର୍ଷବର୍ଷ ଧରି ମହିଳାମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା



ପାଇଁ ବୈଷୟିକ କୌଶଳ ନାମରେ ବାହାନା ତିଆରି କରାଯାଉଛି। ଦେଶ ଏବେ ରାଜନୀତିର ଏହି ଧାରା ବୁଝିପାରୁଛି। ଏହି ସଂଶୋଧନ ଦେଶର ପ୍ରତ୍ୟେକ ଅଞ୍ଚଳରେ ମହିଳାମାନଙ୍କୁ ସମାନ ଭାବରେ ସଶକ୍ତ କରିବାର ଏକ ପ୍ରୟାସ ଥିଲା। ଦେଶର ଅଧିକାଂଶ ସ୍ଥାନରେ କଂଗ୍ରେସ ତାର ଉପସ୍ଥିତି ହରାଇଛି। ଆମେ ବିଲ୍ ପାସ୍ କରିବା ପାଇଁ ଆବଶ୍ୟକୀୟ ୬୬ପ୍ରତିଶତ ଭୋଟ୍ ପାଇଲୁ ନାହିଁ କିନ୍ତୁ ମୁଁ ଜାଣେ ଆମକୁ ଏହି ଦେଶର ୧୦୦ପ୍ରତିଶତ ମହିଳାଙ୍କ ସମର୍ଥନ ମିଳିଛି ବୋଲି ମୋଦୀ କହିଛନ୍ତି।

ଅଧଘଣ୍ଟିଆ ଭାଷଣର ମୋଦୀ କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି। ଦେଶ ହିତରେ ଯେକୌଣସି କାମ ଆସିଲେ କଂଗ୍ରେସ ଏହାକୁ ଅଟକାଇ ଦିଏ ବୋଲି ମୋଦୀ କହିଛନ୍ତି। ଏଥିପାଇଁ ଦେଶ ଆଜି ଯେଉଁଠି ପହଞ୍ଚିବାର ଥିଲା, ସେଠି ପହଞ୍ଚିପାରି ନାହିଁ। ଝୁଲେଇ ରଖିବା ଅଟକାଇବା କଂଗ୍ରେସର କାମ ବୋଲି ମୋଦୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ କଂଗ୍ରେସ ଦେଶର ପ୍ରତ୍ୟେକ ଆବଶ୍ୟକୀୟ ସଂଶୋଧନକୁ ବିରୋଧ କରେ। ସେମାନେ ଜନଧନ, ଆଧାର, ଡିଜିଟାଲ ପେମେଣ୍ଟ, ଜିଏସଟି, ଗରିବଙ୍କ ପାଇଁ ସଂରକ୍ଷଣ, ତିନି ତଲାକ ଆଇନ ଏବଂ ଧାରା ୩୭୦କୁ ଉଚ୍ଛେଦ ସମେତ ସବୁକିଛିକୁ ବିରୋଧ କରିଛନ୍ତି। ସେମାନେ ସମାନ ନାଗରିକ ସଂହିତା ଭଳି ସଂଶୋଧନ ମଧ୍ୟ ବିରୋଧ କରନ୍ତି। ସଂଶୋଧନ କଥା କହିବା ମାତ୍ରେ, କଂଗ୍ରେସ ପ୍ରତିବାଦ କରିବା ଆରମ୍ଭ କରେ। ସେମାନେ ଦେଶକୁ ମଜବୁତ କରୁଥିବା ଯେକୌଣସି କାର୍ଯ୍ୟକୁ ବାଧା ଦିଅନ୍ତି। ସେମାନେ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ଏବଂ ଅନୁପ୍ରବେଶକାରୀଙ୍କ ବହିଷ୍କାରକୁ ମଧ୍ୟ ବିରୋଧ କରିଛନ୍ତି ବୋଲି ମୋଦୀ କହିଛନ୍ତି।

କଂଗ୍ରେସକୁ ମହିଳା ବିରୋଧୀ କହି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିରୋଧୀ ଦଳ ସୀମା ନିର୍ଦ୍ଧାରଣ ବିଷୟରେ ମିଥ୍ୟା ପ୍ରଚାର କରୁଛନ୍ତି। କୌଣସି ରାଜ୍ୟର ପ୍ରତିନିଧିତ୍ୱ କିମ୍ବା ଏହାର ଅଂଶ ହ୍ରାସ କରାଯିବ ନାହିଁ। ବରଂ ସମସ୍ତ ରାଜ୍ୟର ଆସନ ସମାନ ଅନୁପାତରେ ବୃଦ୍ଧି ପାଇବ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସ ସର୍ବଦା ମହିଳା ସଂରକ୍ଷଣ ବିରୋଧରେ ରହିଆସିଛି ଏବଂ ସବୁବେଳେ ଏଥିରେ ବାଧା ସୃଷ୍ଟି କରିଛି। ଏଥର ମଧ୍ୟ ବିଭିନ୍ନ ବାହାନା ମାଧ୍ୟମରେ ଲୋକଙ୍କୁ ଭ୍ରମିତ କରାଯାଇଛି ବୋଲି ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନାରୀ ଶକ୍ତି ବନ୍ଦନ ସଂଶୋଧନକୁ ଏକବିଂଶ ଶତାବ୍ଦୀର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏକ 'ମହାଯଜ୍ଞ' ଥିଲା ବୋଲି କହିଛନ୍ତି। ବିରୋଧୀ ଦଳମାନେ ଦେଶର ନାରୀଶକ୍ତି ଓ ସମ୍ବିଧାନ ଦୁଇଜଣଙ୍କ ପ୍ରତି ଅନ୍ୟାୟ କରିଛନ୍ତି ବୋଲି ମୋଦୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ 'ମହିଳାମାନେ ସବୁକିଛି ଭୁଲିପାରିବେ, କିନ୍ତୁ ସେମାନେ କେବେ ନିଜର ଅପମାନ ଭୁଲିପାରିବେ ନାହିଁ। ତେଣୁ, ସଂସଦରେ କଂଗ୍ରେସ ଏବଂ ଏହାର ସହଯୋଗୀଙ୍କ ଏହି ଆଚରଣର ଯନ୍ତ୍ରଣା ସର୍ବଦା ପ୍ରତ୍ୟେକ ମହିଳାଙ୍କ ହୃଦୟରେ ରହିବ। ଯେତେବେଳେ ଦେଶର ମହିଳାମାନେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଏହି ନେତାମାନଙ୍କୁ ଦେଖିବେ, ସେମାନେ ମନେ ରଖିବେ ଯେ ଏହି ଲୋକମାନେ ସଂସଦରେ ମହିଳା ସଂରକ୍ଷଣକୁ ଅବରୋଧ କରିବା ପାଇଁ ଉତ୍ସବ ପାଳନ କରିଥିଲେ।'

## ମୋଦିଙ୍କୁ ସାକ୍ଷାତ କଲେ ପ୍ରତାପ ଷଡଙ୍ଗୀ

**ଭୁବନେଶ୍ୱର,୧୮।୪(ମହାଭାରତ):** ନୂଆଦିଲ୍ଲୀସ୍ଥିତ ସଂସଦ ଭବନ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରିଛନ୍ତି ସାଂସଦ ପ୍ରତାପ ଷଡଙ୍ଗୀ । ଏହି ସାକ୍ଷାତ ସମୟରେ ଓଡିଶା ସହିତ ସମ୍ବନ୍ଧିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହେଲା। ରାଜ୍ୟର ସମଗ୍ର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହିତ ଜନସାଧାରଣଙ୍କ ମଙ୍ଗଳକାମନାରେ ନିଷ୍ଠାପୂର୍ଣ୍ଣ ପ୍ରୟାସକୁ ଆଗେଇ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ମୂଲ୍ୟବାନ



ଉପଦେଶ ଓ ପ୍ରେରଣା ଲାଭ କରିଥିବା ପ୍ରତାପ ଷଡଙ୍ଗୀ କହିଛନ୍ତି । ସେ କହିଛନ୍ତି ଯେ, ତାଙ୍କର ଦୃଢ଼ ନେତୃତ୍ୱ, ଦୃଷ୍ଟିଭଙ୍ଗୀ ଓ ଦେଶସେବାପ୍ରତି ଅତୁଟ ପ୍ରତିବଦ୍ଧତା ଆମ ସମସ୍ତଙ୍କ ପାଇଁ ଅପାର ପ୍ରେରଣା। ଓଡିଶାର ସମୃଦ୍ଧି ଓ ଲୋକମାନଙ୍କ ସମଗ୍ର ଉନ୍ନତି ପାଇଁ ଆମେ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ପ୍ରତିବଦ୍ଧ ଅଛୁ।

## ରାଜ୍ୟପାଳଙ୍କ ସହ ପୁଲିସ କମିଶନରଙ୍କ ଆଲୋଚନା



**ଭୁବନେଶ୍ୱର,୧୮।୪(ମହାଭାରତ):** ପୁଲିସ କମିଶନର ଏସ୍. ଦେବ ଦତ ସିଂହ,ଶନିବାର ଦିନ ଲୋକ ଭବନରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟିଙ୍କୁ ସାକ୍ଷାତ୍ କରିଥିଲେ। ଆଲୋଚନାରେ ବର୍ତମାନ ଲୋକ ଭବନରେ ରହିଥିବା ସୁରକ୍ଷା ଓ ପ୍ରୋଟୋକଲ ବ୍ୟବସ୍ଥା ସହିତ ତାହାର ମୂଲ୍ୟାଙ୍କନ କରି ଆବଶ୍ୟକ ଉନ୍ନତି କରିବାର ପ୍ରୟୋଜନୀୟତା ବିଷୟରେ ଚର୍ଚ୍ଚା ହୋଇଥିଲା। ଲୋକ ଭବନ ପରିସରର ସୁରକ୍ଷା ପାଇଁ ନୂତନ ଟେକ୍ନୋଲୋଜିର ବ୍ୟବହାର ଓ ସମ୍ପୂର୍ଣ୍ଣ ପ୍ରୋଗ୍ରାମ ଏବଂ ପ୍ରୋଟୋକଲ ପରିଚାଳନା ପାଇଁ ପର୍ଯ୍ୟାପ୍ତ ମାନବସମ୍ବଳର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

## କେନ୍ଦ୍ର କର୍ମଚାରୀଙ୍କ ଡିଏ ୨% ବୃଦ୍ଧି

**ନୂଆଦିଲ୍ଲୀ,୧୮।୪ (ମହାଭାରତ):** କେନ୍ଦ୍ର ସରକାର ସରକାରୀ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା (ଡିଏ) ଏବଂ ପେନ୍ସନଭୋଗୀ ମାନଙ୍କ ମହଙ୍ଗା ଆଶ୍ୱସ୍ତ (ଡିଆର)ରେ ୨ ପ୍ରତିଶତ ବୃଦ୍ଧିକୁ ଶନିବାର ମଂଜୁରୀ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ହୋଇଥିବା ମନ୍ତ୍ରିମଣ୍ଡଳ ସଭାରେ ଏହି ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜାତୀୟ ମିଡିଆ ସେଣ୍ଟରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ବିଷୟରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ମହଙ୍ଗାର ବୃଦ୍ଧିଶୀଳ ପ୍ରଭାବକୁ କମାଇବା ପାଇଁ ସରକାର ଡିଏ ଏବଂ ଡିଆରର ଅତିରିକ୍ତ କିସ୍ତି ମୁକ୍ତ କରିବାକୁ ଅନୁମୋଦନ କରିଛି। ଏହି ବୃଦ୍ଧି ଫଳରେ ମୂଳ ବେତନ ଏବଂ ପେନ୍ସନର ବର୍ତ୍ତମାନ ହାର ୫୮ ପ୍ରତିଶତରେ ୨ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ୧ ଜାନୁଆରୀ ୨୦୨୬ରୁ ପ୍ରଭାବୀ ହେବ। ଏହି



ନିଷ୍ପତ୍ତିରୁ ପ୍ରାୟ ୫୦.୪୬ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮.୨୭ ଲକ୍ଷ ପେନ୍ସନଭୋଗୀମାନେ ସିଧାସଳଖ ଲାଭ ପାଇବେ। ଡିଏ ଏବଂ ଡିଆରରେ ଏହି ବୃଦ୍ଧି ଫଳରେ ସରକାରୀ ରାଜକୋଷ ଉପରେ ପ୍ରତିବର୍ଷ ୬୭୯୧.୨୪ କୋଟି ଟଙ୍କାର ଅତିରିକ୍ତ ଭାର ପଡିବ। ଏହି ନିଷ୍ପତ୍ତି ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗ ଦ୍ୱାରା ସୁପାରିଶ ହୋଇଥିବା ଅନୁମୋଦିତ ସୂତ୍ର ଅନୁସାରେ ନିଆଯାଇଛି।

### ୱେ-ଟ୍ରାକ୍ ଇଣ୍ଡିଆର ନୂତନ ମାନୁଫାକଚରିଙ୍ଗ୍ ୟୁନିଟ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ହେବ ୫୦୦ ବିଲିଅନ ଡଲାର ଅର୍ଥନୀତିର ରାଜ୍ୟ


**ଭୁବନେଶ୍ୱର,୧୮।୪(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଇନ୍ଫୋଭେଲି-୨, ଖୋର୍ଦ୍ଧାଠାରେ 'ୱେ-ଟ୍ରାକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍'ର ଅତ୍ୟାଧୁନିକ ମାନୁଫାକଚରିଙ୍ଗ୍ ୟୁନିଟ୍ ର ଶୁଭ ଉଦ୍ ଘାଟନ କରିଛନ୍ତି । ଓଡ଼ିଶା ମାଟିରୁ ଓଡ଼ିଆ ଉଦ୍ୟୋଗୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ବ୍ରାଣ୍ଡ୍ ଆଜି ସ୍ମାର୍ଟ ଇନଫ୍ରାଷ୍ଟ୍ରକ୍ଚର୍ ଓ ଏଆଇ କ୍ଷେତ୍ରରେ ଦେଶର ଏକ ପ୍ରମୁଖ ସଂସ୍ଥା ଭାବେ ଉଭା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରି ୱେ-ଟ୍ରାକ୍ ଇଣ୍ଡିଆର ସମସ୍ତ ଟିମ୍ ମେମ୍ବରଙ୍କୁ ଅଭିନନ୍ଦନ ଜଣାଇଥିଲେ । ୱେ-ଟ୍ରାକ୍ ଇଣ୍ଡିଆ ଆଜି ଭାରତର ଚତୁର୍ଥ ସର୍ବବୃହତ୍ ୱେ-ବ୍ରିଜ୍ ଉତ୍ପାଦକ ଭାବେ ପରିଚୟ ସୃଷ୍ଟି କରିବା ଆମ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବା ପରେ ଓଡ଼ିଶାରେ ଶିଳ୍ପ ବିପ୍ଲବ ଜାରି ରହିଛି । ପୂର୍ବରୁ କେବଳ ଖଣି ଭିତିକ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଆମ ସରକାର, ଏଆଇ ସେମିକଣ୍ଡକ୍ଟର, ଟେକ୍ସଟାଇଲ ଓ ଫାର୍ମାସିଉଟିକାଲ ଭଳି ନ୍ୟୁ ଇକୋନୋମି କ୍ଷେତ୍ରରେ ପୁଞ୍ଜି ନିବେଶ କରିବାରେ ସକ୍ଷମ ହୋଇଛି । ଏହି ସମୟ ମଧ୍ୟରେ ପ୍ରାୟ ୨.୮୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଂ ହୋଇଛି, ଯାହା ଆଗାମୀ ଦିନରେ ଦୁଇ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ବୋଲି ସେ କହିଥିଲେ । ଓଡ଼ିଶାର ଏହି ବିକାଶ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଳ୍ପ ପ୍ରତିଷ୍ଠା ପାଇଁ ଆମ ସରକାର ପ୍ଲଗ୍ ଆଣ୍ଡ ପ୍ଲେ ସୁବିଧା ଯୋଗାଇ ଦେଉଛନ୍ତି ଏବଂ ଜିଲ୍ଲାପାଳମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ନିଷ୍ପତ୍ତି ନେବା ପାଇଁ ଅଧିକ କ୍ଷମତା ପ୍ରଦାନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ରାଜନୈତିକ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ସଂସଦ ଓ ବିଧାନସଭାରେ ମହିଳାଙ୍କୁ ଏକ ତୃତୀୟାଂଶ ସଂରକ୍ଷଣ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅଣାଯାଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କଂଗ୍ରେସ ଓ ସହଯୋଗୀ ଦଳମାନେ ଲୋକସଭାରେ ପାରିତ କରାଇ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହା ନାରୀ ସମାଜ ପ୍ରତି ଏକ ଅପରାଧ ଏବଂ ଏଥିପାଇଁ ଓଡ଼ିଶାର ନାରୀଶକ୍ତି ସେମାନଙ୍କୁ କେବେ କ୍ଷମା ଦେବେ ନାହିଁ। ଅନ୍ୟତମ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଏମଏସଏମଇ ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ । ରାଜ୍ୟ ସରକାର ସହଜରେ ଏମଏସଏମଇ ଇଣ୍ଡଷ୍ଟ୍ରି ନିମନ୍ତେ ଜମି ଓ ଲୋନ୍ ପ୍ରଦାନ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ ।

## ନିର୍ମାଣ ହେବ ହିଟ୍ ୱେଭ୍ ଆଶ୍ରୟ ସ୍ଥଳୀ

**ଭୁବନେଶ୍ୱର,୧୮।୪(ମହାଭାରତ):** ହିଟ୍ ୱେଭ୍ ର ମୁକାବିଲା କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନୂଆ ଏସଓପି ପ୍ରସ୍ତୁତ କରିଛି। ଏନେଇ ଜିଲ୍ଲାପାଳଙ୍କ ସହ ଭିଡିଓ କନଫରସିଂ ରେ ବୈଠକ କରିଛନ୍ତି ରାଜସ୍ୱ ମନ୍ତ୍ରୀ । ଏନେଇ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଅଧିକ ଖରା ହେଉଥିବା ସ୍ଥାନରେ



ହିଟ୍ ୱେଭ୍ ଆଶ୍ରୟ ସ୍ଥଳୀ ନିର୍ମାଣ ହେବ। ଜିଲ୍ଲାପାଳଙ୍କୁ ଅଧିକୃତ କରାଯାଇଛି ସରକାର ଦେଇଥିବା ଏସଓପି ବାହାରେ ଜିଲ୍ଲପାଳ ନିଷ୍ପତି ନେଇପାରିବେ। ଦିନ ୧୧ରୁ ୩ଟା ପର୍ଯ୍ୟନ୍ତ ଯାତ୍ରୀ ଓ ମାଲ୍ ପରିବହନ ଉପରେ ତଦାରଖ କରାଯିବ। ରାସ୍ତାରେ ଡ୍ରାଇଭରଙ୍କ ପାଇଁ ଓଆରଏସ୍ ଓ ପିଇବା ପାଣିର ବ୍ୟବସ୍ଥା ରହିବ।ଆବଶ୍ୟକ ପଡ଼ିଲେ ୨୦ ମିନିଟ୍ ରେ ଆମ୍ବୁଲାନ୍ସ ପହଂଚିବାକୁ ସତର୍କ କରାଯାଇଛି। ଯେଉଁଠି ତାତି ବଢୁଛି ସେଠି ସ୍କୁଲ ଛୁଟି ପାଇଁ ଜିଲ୍ଲପାଳଙ୍କୁ କ୍ଷମତା ଦିଆଯାଇଛି । ଅଂଶୁଘାତ ମୃତ୍ୟୁ ପାଇଁ ରିପୋର୍ଟ ପାଇବାର ୨୪ ଘଂଟା ମଧ୍ୟରେ କ୍ଷତିପୂରଣ ପ୍ରଦାନ କରାଯିବ। ସ୍କୁଲ ଛୁଟି ପାଇଁ ଗଣ ଶିକ୍ଷା ବିଭାଗ ସହ ରାଜସ୍ୱ ବିଭାଗ କଥା ସରିଛି। ଯେଉଁଠି ତାତି ବଢୁଛି ସେଠି ସ୍କୁଲ ଛୁଟି ପାଇଁ ଜିଲ୍ଲପାଳଙ୍କୁ କ୍ଷମତା ଦିଆଯାଇଛି । ସେହିପରି ଏସି ନଥିବା ଗାଡ଼ି ଚାଲିଲେ କାହାର ଅସୁବିଧା ହେଲେ ମାଲିକ ଦାୟୀ ରହିବେ ବୋଲି କହିଛନ୍ତି ମନ୍ତ୍ରୀ।

## ଯୋଜନା ବୋର୍ଡ ହେଲା ଏସଆଇଟିଆଇ ଓଡ଼ିଶା

**ଭୁବନେଶ୍ୱର,୧୮।୪(ମହାଭାରତ):** ରାଜ୍ୟ ସରକାର ଖୁବ୍ ଶୀଘ୍ର ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଫର୍ ଟ୍ରାନ୍ସଫରମେଟିଭ୍ ଇନିସିଏଟିଭସ୍ ବା ଏସଆଇଟିଆଇ ଓଡ଼ିଶାପ୍ରତିଷ୍ଠା କରିବେ। ଏହା ରାଜ୍ୟ ସରକାରଙ୍କ ଏକ ଥିଙ୍କ ଟ୍ୟାଙ୍କ ବା ଏକ ଶୀର୍ଷସ୍ତରୀୟ ରଣନୈତିକ ପରାମର୍ଶଦାତା ସଂସ୍ଥା ଭାବେ କାର୍ଯ୍ୟ କରିବ। ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ ଏହା ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏହି ସମ୍ପର୍କିତ ଏକ ସଂକଳ୍ପ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ପୂର୍ବରୁ ୧୮ ଜୁଲାଇ ୨୦୨୪ ରେ 'ରାଜ୍ୟ ଯୋଜନା ବୋର୍ଡ' କୁ ଭାଙ୍ଗି ଦେଇଛନ୍ତି। ଯେହେତୁ ପାରମ୍ପରିକ ଯୋଜନା ପ୍ରଣାଳୀ ବର୍ତମାନ ସମୟରେ ଅପ୍ରାସଙ୍ଗିକ ହୋଇପଡ଼ିଛି, ଏସଆଇଟିଆଇ ଓଡ଼ିଶା ବର୍ତମାନ ସମୟରେ ଏକ ଦୂରଦୃଷ୍ଟିସମ୍ପନ୍ନ ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବ।

ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ ନୀତି ପ୍ରସ୍ତୁତ କରିବାକୁ ଆଧୁନିକ ଚିନ୍ତାଧାରା ସହିତ ଇନୋଭେସନ, କୋ-ଅପରେଟିଭ୍ ଫେଡେରାଲିଜିମ୍ ଏବଂ ମାପଯୋଗ୍ୟ ଫଳାଫଳ ସମ୍ପର୍କରେ ପରାମର୍ଶ ଯୋଗାଇଦେବ । ଏହା ସର୍ବୋଚ୍ଚ ସ୍ତରରେ ସରକାରଙ୍କୁ ରଣନୈତିକ ଦିଗଦର୍ଶନ ପ୍ରଦାନ କରିବ।

ଏସଆଇଟିଆଇ ଓଡ଼ିଶାମୁଖ୍ୟତଃ ଛଅଟି ବିଷୟ ଉପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ।

ଏସଆଇଟିଆଇ ଓଡ଼ିଶାର ଏକ ଗଭର୍ଣ୍ଣିଙ୍ଗ କାଉନସିଲ୍ ରହିବ। ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ। ଏଥିସହ ଜଣେ ଉପାଧ୍ୟକ୍ଷ, ଚାରିଜଣ ପୂର୍ଣ୍ଣ କାଳୀନ ସଦସ୍ୟ, ନଅଜଣ ଏକ୍ସ-ଅଫିସିଓ ସଦସ୍ୟ ଏବଂ ଦୁଇଜଣ ସ୍ପେଶାଲ ଇନ୍‌ଭାଇଟି ରହିବେ। ଏହି ପରିଷଦ ବର୍ଷକୁ ଅତିକମରେ ଥରେ ବୈଠକ କରିବେ। ସିଟି ଓଡିଶାର ଉପାଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ହେବେ ଏବଂ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ମିଳିବ।

ବିଭିନ୍ନ କ୍ଷେତ୍ରର ଚାରିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରିବେ। ସେମାନେ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇବେ। ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହାର ସଦସ୍ୟ ସଚିବ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ଜଣେ ଚିଫ ଏକ୍ ?ଜିକ୍ୟୁଟିଭ୍ ଅଫିସର ବା ସିଇଓ ନିଯୁକ୍ତ କରିବେ। ସିଇଓ ଆଇଏଏସ୍ କ୍ୟାଡରରେ ଜଣେ ପ୍ରମୁଖ ସଚିବ କିମ୍ବା କମିଶନର-ତଥା-ସଚିବ ପାହ୍ୟାର ହୋଇଥିବେ।

ଏଥିସହିତ, ସମ୍ପୃକ୍ତ ବିଷୟବସ୍ତୁ ଉପରେ ଜ୍ଞାନ ଓ ଅଭିଜ୍ଞତା ଥିବା ଜଣେ ପ୍ରୋଗ୍ରାମ ଡାଇରେକ୍ଟର, ଏକ ବହୁମୁଖୀ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେସନ ୟୁନିଟ୍ ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ଏକ ପ୍ରଶାସନିକ ୟୁନିଟ୍ ରହିବ। ଏସଆଇଟିଆଇ ଓଡ଼ିଶାବ ଅଧୀନରେ ଷ୍ଟେଟ ମନିଟରିଂ ଆଣ୍ଡ ଇଭାଲ୍ୟୁଏସନ ଅଫିସ ମଧ୍ୟ ରହିବ। ଏହା ଏଭିଡେନ୍ସ ଡ୍ରିଭେନ୍ ଗଭର୍ଣ୍ଣାନ୍ସ ପାଇଁ ଏକ ନୋଡାଲ୍ ସଂସ୍ଥା ଭାବେ କାର୍ଯ୍ୟ କରିବ।

## ମତ୍ସ୍ୟ ଉତ୍ପାଦନରେ ଓଡ଼ିଶାର ଆର୍ଥିକ ପ୍ରଗତିରେ ଆସିବ ନୂତନ ଜୁଆର

**ଭୁବନେଶ୍ୱର,୧୮।୪(ମହାଭାରତ):** ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ସ୍ଥାନୀୟ କୃଷିଭବନ ଅଡିଟୋରିଅମ ଠାରେ ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ । ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ, ଗ୍ରାମାଂଚଳର ଚାଷୀଟିଏ ବିକଶିତ ହେଲେ ହିଁ ବିକଶିତ ଓଡ଼ିଶା ମାଧ୍ୟମରେ 'ବିକଶିତ ଭାରତ'ର ସ୍ୱପ୍ନ ସାକାର ହୋଇପାରିବ। ଏହି ଅବସରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା— 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା', 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଏବଂ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା । ଓଡ଼ିଶା ବର୍ତମାନ ଦେଶରେ ମାଛ ଉତ୍ପାଦନ ଓ ସାମୁଦ୍ରିକ ଖାଦ୍ୟ ରପ୍ତାନି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇଛି।



ବର୍ତମାନ ମାଛ ଉତ୍ପାଦନ ୧୧.୯୨ ଲକ୍ଷ ମେଟ୍ରିକ ଟନ ହୋଇଥିବାବେଳେ ଆଗାମୀ ବର୍ଷ ସୁଦ୍ଧା ଏହାକୁ ଦୁଇ ଗୁଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ଓଡ଼ିଶା ସରକାରଙ୍କ 'ଭିଜନ-୨୦୩୬' ଅନୁଯାୟୀ ରାଜ୍ୟକୁ ମତ୍ସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ସହ ଏକ ଅଗ୍ରଣୀ ଓ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପକୁ ସାକାର କରିବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଗ୍ରାମାଞ୍ଚଳର ମହିଳାମାନଙ୍କୁ ମାଛଚାଷ ମାଧ୍ୟମରେ ସଶକ୍ତ କରିବା ଏବଂ ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ଆଧୁନିକ ଜ୍ଞାନକୌଶଳ ଯଥା ବାୟୋଫ୍ଲକ ଓ କେଜ କଲ୍ଚର ପ୍ରତି ଆକୃଷ୍ଟ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ମଲ୍ଲିକ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଧାନ ସହ ମାଛ ଚାଷ ମାଧ୍ୟମରେ ଏକ ସମୟରେ ଉଭୟ କ୍ଷେତ୍ରରୁ ଅଧିକ ଲାଭ ପାଇବା ନିମନ୍ତେ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ବିକଶିତ ଓଡ଼ିଶା ମାଧ୍ୟମରେ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ପାଇଁ ବିଭାଗ ପକ୍ଷରୁ 'ଶ୍ରୀମ୍ପ ମିଶନ', ଗଭୀର ସମୁଦ୍ରରୁ ମାଛ ଉତ୍ପାଦନ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହା ସହିତ ରାଜ୍ୟର ବିଭିନ୍ନ ଜଳଭଣ୍ଡାରକୁ ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ପଞ୍ଜୁରୀରେ ମାଛ ଚାଷ ଭଳି ଅଭିନବ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନ ହୋଇଥିଲା। ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ଡଙ୍ଗାରେ ଇସ୍ରୋ ଟ୍ରାନ୍ସପଣ୍ଡର ସଂଯୋଗ, ଲାଇଫ୍ ଜ୍ୟାକେଟ୍ ପ୍ରଦାନ ଭଳି ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇଛି । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମ ଚନ୍ଦ୍ର ଚୌଧରୀ ସମସ୍ତ ବିଭାଗୀୟ ଯୋଜନାର ସଫଳ ରୂପାୟନ ନିମନ୍ତେ ଅଧିକାରୀମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାର ମତ୍ସ୍ୟ ଅଧିକାରୀ ଓ ନିର୍ଦ୍ଦେଶାଳୟର ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ବିଭାଗୀୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ।

## କଙ୍କଡ଼ା ଗୋଡ଼ ମସଲା

**ଆବଶ୍ୟକ ସାମଗ୍ରୀ:**କଙ୍କଡ଼ା, ନଡ଼ିଆ କୋରା, ପିଆଜ, ଅଦା, ରସୁଣ, ପୋସ୍ତ, ଜୀରା, ଲବଙ୍ଗ, ଡାଲଗିନି, ଗୁଜୁରାତି, ଗୋଲମରିଚ, ଧନିଆ ଓ ତେଜପତ୍ର, ଲୁଣ, ହଳଦୀ ଗୁଣ୍ଡ ଓ ଲେମ୍ବୁ ରସ, ତେଲ, ଧନିଆଁପତ୍ର, କଞ୍ଚାଲଙ୍କା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଙ୍କଡ଼ାକୁ ସଫା କରି ତାର ଛୋଟ ଗୋଡ଼କୁ କାଟି ଛାଣି ରଖନ୍ତୁ। କଙ୍କଡ଼ାରେ ଲୁଣ, ହଳଦୀ ଗୁଣ୍ଡ ଓ ଲେମ୍ବୁ ରସ ପକାଇ ମ୍ୟାରିନେଟ୍ କରି ରଖନ୍ତୁ। ନଡ଼ିଆ କୋରା, ପିଆଜ, ପୋସ୍ତ, ଜୀରା, ଲବଙ୍ଗ, ଡାଲଗିନି, ଗୁଜୁରାତି, ଗୋଲମରିଚ, ଧନିଆ ଓ ତେଜପତ୍ରକୁ ଭାଜି ବାଟି ରଖନ୍ତୁ। କରେଇରେ ତେଲ ଗରମ କରି ଗୋଟା ମସଲା ଓ ପିଆଜ କଟା ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲା ପରେ ସେଥିରେ ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆପତ୍ର, ଟମାଟୋ, କଞ୍ଚାଲଙ୍କା, ଅଦାରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ଅଳ୍ପ କଷି ହେବା ପରେ ପ୍ରସ୍ତୁତ ଥିବା ଗୋଟା ମସଲାବଟା ଓ ଲୁଣ ପକାଇ ଭଲଭାବେ ଗୋଳାନ୍ତୁ। ଏହାପରେ ମ୍ୟାରିନେଟ୍ କଙ୍କଡ଼ାକୁ ପକାଇ ଗୋଳାଇ ଘୋଷଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଘୋଡ଼ଣୀ ବାହାର କରି ପ୍ରସ୍ତୁତ କଙ୍କଡ଼ା ଗୋଡ଼କୁ ପକାଇ ଗୋଳାନ୍ତୁ ଓ ଅଳ୍ପ ପାଣି ଦେଇ ଘୋଡ଼ଣି ଘୋଡ଼ାଇ ଦିଅନ୍ତୁ। ୨ରୁ ୫ ମିନିଟ୍ ପରେ ଘୋଡ଼ଣୀ ବାହାର କରି ଧନିଆଁପତ୍ର ଓ କଞ୍ଚାଲଙ୍କା ପକାଇ ଚୁଲିରୁ ଓହ୍ଲାନ୍ତୁ।



### ଖବର

## ଜାତୀୟ ପୁରସ୍କାର ହାସଲ କଲା 'ବୋଉ ବୁଟୁ ଭୂତ'



ପୁଣି ଆଉ ଏକ ବଡ଼ ସଫଳତା ସାଉଁଟିଲା ବୋଉ ବୁଟୁ ଭୂତ । ବୋଉ ବୁଟୁ ଭୂତ ଭାରତୀୟ ଜାତୀୟ ସିନେ ଏକାଡେମୀ ପୁରସ୍କାର ହାତେଇଲା । ଏହି ଚଳଚ୍ଚିତ୍ର ଗତ ବର୍ଷ ରଜ ଅବସରରେ ସିନେମା ହଲରେ ରିଲିଜ ହୋଇଥିବା ହରର୍ -କମେଡି ଫିଲ୍ମ ମାତ୍ର ୨୮ ଦିନ ମଧ୍ୟରେ ବକ୍ସ ଅଫିସରେ ୧୫ କୋଟିର କଲେକ୍ସନ୍ କରିଥିଲା ।ଚଳିତ ବର୍ଷ ଏପ୍ରିଲ ୧୬ରେ ମୁମ୍ବାଇରେ ଭାରତୀୟ ଜାତୀୟ ସିନେ ଏକାଡେମୀ (ଇନକା) ଆୱାର୍ଡ ଶୋ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିଉ ଇଣ୍ଡଷ୍ଟ୍ରୀର ନାମୀଦାମୀ କଳାକାର, ନିର୍ଦ୍ଦେଶକ, ପ୍ରଯୋଜକ ତଥା ବିଶିଷ୍ଟ ଗାୟକ ଗାୟିକା ସାମିଲ ହୋଇଥିଲେ ।ସାଉଥ୍ ସୁପରଷ୍ଟାର ରାଣା ଡଗୁବତୀ, ଫିଲ୍ମ ନିର୍ମାତା କରଣ ଜୋହର ଏହି ଆୱାର୍ଡ ଶୋ ହୋଷ୍ଟ୍ କରିଥିଲେ । ଏହି ଅବସରରେ ବାବୁଶାନ୍ ଫିଲ୍ମସ୍ ବ୍ୟାନର୍ ତଳେ ତିଆରି କରାଯାଇଥିବା ଓଡିଆ ଫିଲ୍ମ ବୋଉ ବୁଟୁ ଭୂତକୁ ଶ୍ରେଷ୍ଠ ଓଡିଆ ଫିଲ୍ମ କ୍ୟାଟାଗୋରୀରେ ପୁରସ୍କାର ହାତେଇଥିଲା । କରଣ ଏନେଇ ଘୋଷଣା କରିବା ପରେ ପ୍ରାଯୋଜିକା ତଥା ଓଲିଉଡ ସୁପରଷ୍ଟାର ବାବୁଶାନ ଏବଂ ଧର୍ମପତ୍ନୀ ତୃପ୍ତୀ ଏହି ପୁରସ୍କାର ଗ୍ରହଣ କରି ବଡ଼ ସଫଳତା ପାଇଁ ସର୍ଭିଙ୍କୁ ଧନ୍ୟବାଦ ଜଣାଇଥିଲେ ।ଏହାପରେ ଓଡ଼ିଆ ଇଣ୍ଡଷ୍ଟ୍ରୀରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବାବୁଶାନ ଖାଲି ଓଡ଼ିଶାବାସୀଙ୍କର ନୁହେଁ ବରଂ ଦେଶବାସୀଙ୍କର ମନ ଜିଣିବାରେ ସଫଳ ହୋଇଥିଲେ । ଯାହାର ଉଦାହରଣ ହେଉଛି ଭାରତୀୟ ଜାତୀୟ ସିନେ ଏକାଡେମୀରେ ବାବୁ ଶ୍ରେଷ୍ଠ ଓଡ଼ିଆ ଅଭିନେତା ଭାବେ ପୁରସ୍କାର ଜିତିବା ।ବାସ୍ ଏତିକି ନଥିଲାଓଡ଼ିଶାର ଚୁଲ୍ବୁଲି ତଥା ଲୋକପ୍ରିୟ ନାୟିକା ଅର୍ଚ୍ଚିତା ସାହୁଙ୍କୁ ମଧ୍ୟ ଶ୍ରେଷ୍ଠ ଓଡ଼ିଆ ଅଭିନେତ୍ରୀ ଭାବେ ପୁରସ୍କୃତ କରାଯାଇଥିଲା ।ଏଥି ସହିତ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସବ୍ୟସାଚୀ ମହାପାତ୍ର ଏବଂ କୁମାର ସି.ଦେବ ମହାପାତ୍ର ଏହି ସମ୍ମାନ ପାଇଛନ୍ତି । ସତରେ ଏହି ଖବର ସାରା ଓଡ଼ିଶା ପାଇଁ ବେଶ୍ ଗର୍ବ ଆଣି ଦେଇଛି ।

## କ'ଣ ପାଇଁ ଗଣପତିଙ୍କର ନାମ ସିଦ୍ଧି ବିନାୟକ

ଗଣେଶ ଚତୁର୍ଥୀ, ବିକ୍ରମ ସଂବତର ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ । ଏହି ଶୁଭଦିନକୁ ହିନ୍ଦୁଧର୍ମରେ ଗଣେଶଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ। ଏହି ପର୍ବ ଦଶଦିନ ଧରି ଚାଲେ ଓ ଅନନ୍ତ ଚତୁର୍ଦ୍ଦଶୀରେ ସମାପ୍ତ ହେଇଥାଏ । ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ବିନାୟକ ବ୍ରତ ପାଳିତ ହୁଏ । ବିନାୟକ ବ୍ରତକଥାରେ ଉଲ୍ଲେଖ ରହିଛି ଯେ ଏହି ବ୍ରତର ମାହାତ୍ମ୍ୟ ସ୍କନ୍ଧ ପୁରାଣରେ ବର୍ଣିତ। ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି ବିନାୟକ ବ୍ରତ ପାଳନ କଲେ ମନୁଷ୍ୟମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ସୁତ-ସୌଭାଗ୍ୟ-ସଂପଦ ଲାଭ କରି ପାରିବେ ବୋଲି ବୟାନ କରିଛନ୍ତି। ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିଲେ। ସେଥିପାଇଁ



ଗଣପତିଙ୍କର ନାମ ସିଦ୍ଧି ବିନାୟକ ।ସମସ୍ତେ ଜାଣନ୍ତି ଯେ ଭଗବାନ ଗଣେଶଙ୍କ ବାହନ ମୂଷା। ହେଲେ ମୂଷା କେମିତି ଗଣେଶଙ୍କ ବାହନ ହେଲେ ସେ ବିଷୟରେ ଖୁବ୍ କମ୍ ଲୋକ ଜାଣିଥିବେ। ଗଣେଶ ଓ ମୂଷାର ସମ୍ପର୍କ ନେଇ ବିଭିନ୍ନ ପ୍ରକାର କାହାଣୀ ରହିଛି । ସେହି ମଧ୍ୟରୁ ଆଜି ଆମେ ଆପଣଙ୍କୁ ଗୋଟିଏ କାହାଣୀ କହିବୁ ଯେଉଁଥିରୁ ଆପଣ ଜାଣି ପାରିବେ ଯେ ମୂଷା କେମିତି ଗଣେଶଙ୍କ ବାହନ ହେଲା। ପୁରାଣ ଅନୁସାରେ ଗଜମୁଖାସୁର ନାମକ ଏକ ରାକ୍ଷସ ସଙ୍ଗେ ଗଜାନନଙ୍କ ଯୁଦ୍ଧ ହୋଇଥିଲା । ହେଲେ ରାକ୍ଷସ ଦେବତାଙ୍କଠୁ ବର ପ୍ରାପ୍ତ କରିଥିଲା ଯେ କୌଣସି ଅସ୍ତ୍ରରେ ତା'ର ମୃତ୍ୟୁ ହେବ ନାହିଁ। ଯୁଦ୍ଧରେ ଗଣେଶ ଯେତେ ପ୍ରକାର ଚେଷ୍ଟା କରିଥିଲେ ବି ରାକ୍ଷସଙ୍କୁ ପରାଜିତ କରିପାରିନଥିଲେ । ଶେଷରେ ବୁଦ୍ଧି ଲଗାଇ ନିଜ ଦାନ୍ତରେ ରାକ୍ଷସକୁ ନିହତ କରିବାକୁ ଉଦ୍ୟମ କଲେ। ଏଥିରେ ରାକ୍ଷସ ଭୟଭୀତ ହୋଇ ମୂଷା ରୂପ ଧାରଣ କରିନେଇଥିଲା । ଦୌଡ଼ିବାକୁ ଚେଷ୍ଟା କରିଥିଲା । ହେଲେ ଗଣେଶ ରାକ୍ଷସକୁ ଧରିବାରେ ସକ୍ଷମ ହୋଇଥିଲେ। ତାକୁ ବାନ୍ଧି ଦେଇଥିଲେ। ତା'ପରେ ରାକ୍ଷସ ଭଗବାନ ଗଣେଶଙ୍କୁ କ୍ଷମା ମାଗିଥିଲା। ସେତେବେଳେ ଗଣେଶ ତାକୁ ନିଜ ବାହାନ କରି ତାକୁ ଜୀବନ ଦାନ ଦେଇଥିଲେ।

## ଚର୍ମ ପାଇଁ ଲାଭଦାୟକ ଟମାଟୋ

ଦୈନିକ ବ୍ୟସ୍ତଭରା ଜୀବନ ଏବଂ ଉପଯୁକ୍ତ ଖାଦ୍ୟର ଅଭାବ ଆମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଖରାପ ଜୀବନଶୈଳୀ କାରଣରୁ ସ୍କିନ୍ ଡଲନେସ୍ ସମେତ ଆହୁରି ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ପ୍ରତିଦିନର ଧୂଳି-ମାଟି ଆମ ସ୍କିନ୍ ଉପରେ ଅଧିକ ପ୍ରଭାବ ପକାଇଥାଏ। ଏହି କାରଣରୁ, ସ୍କିନ୍ ସମ୍ବନ୍ଧୀୟ ସମସ୍ୟା ପ୍ରତିଦିନ ଦେଖିବାକୁ ମିଳିଥାଏ। ସ୍କିନ୍ ଡଲନେସ୍, ଟ୍ୟାନିଂ, ପିମ୍ପଲ୍, ଡ୍ରାଏନେସ୍ ଇତ୍ୟାଦି ସମସ୍ୟା ପ୍ରତିଦିନ ଦେଖାଯାଏ। ଏହି ସମସ୍ୟାଗୁଡ଼ିକ ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଟମାଟୋ ଆପଣଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଥାଏ। ଚାଲନ୍ତୁ ଜାଣିବା ସ୍କିନ୍ ପାଇଁ ଟମାଟୋର ବ୍ୟବହାର ଏବଂ ତାହାର ଉପକାରିତା

୧. ଟମାଟୋକୁ ଗ୍ରାଇଣ୍ଡ୍ କରି ତାହାର ପେଷ୍ଟ ଲଗାଇବା ଦ୍ୱାରା ଚେହେରାର ଚମକ ବୃଦ୍ଧି ପାଇଥାଏ। ପିମ୍ପଲ୍, ଦାଗ ଏବଂ ଅନ୍ୟାନ୍ୟ ମୁଖ ଜନିତ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ।

୨. ୨୦୦ ଗ୍ରାମ୍ ଟମାଟୋକୁ ହଳଦୀ ରସ ସହ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ସମୟ ସମୟରେ ଏହି ମିଶ୍ରଣ ପିଇବା ଦ୍ୱାରା ବ୍ରଣ ସମସ୍ୟା ଦୂର ହୋଇଥାଏ।

୩. ଟମାଟୋକୁ ପେଷ୍ଟ କରି ସେଥିରେ ଅଳ୍ପ ବୁନ୍ଦା ଲେମ୍ବୁ ରସ



ମିଶାଇ ମୁହଁରେ ୫ମିନିଟ୍ ଲଗାଇଲେ ବ୍ରଣ ସମସ୍ୟାରୁ ମୁକ୍ତି ମିଳିଥାଏ।

୪. ଟମାଟୋକୁ ମଝିରୁ କାଟି ଏକ ଖଣ୍ଡରେ ମୁହଁକୁ ମାଲିସ୍ କରନ୍ତୁ ଏବଂ ଏହାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏହା କରିବା ଦ୍ୱାରା ମୁଖ ବ୍ରଣ ସମସ୍ୟା ଦୂର ହୋଇଥାଏ।

## କ୍ଷଣିକରେ ମହାଭାରତର ଯୁଦ୍ଧ ଶେଷ କରିଥାନ୍ତେ ବର୍ବରିକ୍



ଧର୍ମ ଓ ଅଧର୍ମ ମଧ୍ୟରେ ହୋଇଥିଲା ମହାଭାରତ ଯୁଦ୍ଧ । ଏହି ଯୁଦ୍ଧ ୧୮ ଦିନ ଧରି ଚାଲିଥିଲା ଏବଂ ଏଥିରେ ପ୍ରାୟ ଲକ୍ଷ ଲକ୍ଷ ସୈନ୍ୟ ପ୍ରାଣ ହରାଇଥିଲେ । ମହାଭାରତ ଯୁଦ୍ଧରେ ଜଣେ ଏପରି ଯୋଦ୍ଧା ଥିଲେ ଯିଏକି କେବଳ ୩ଟି ବାଣରେ କୁରୁକ୍ଷେତ୍ରରେ ଯୁଦ୍ଧ ଶେଷ କରିପାରିଥାନ୍ତେ । କିନ୍ତୁ ସେ ଯୁଦ୍ଧ କରିନଥିଲେ। ଏହି ଯୋଦ୍ଧା ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଭୀମଙ୍କ ନାତି ତଥା ଘଟୋତ୍କଚଙ୍କ ପୁଅ ବର୍ବରିକ୍ ।ସେ ଦିବ୍ୟଶକ୍ତି ହାସଲ କରିଥିଲେ। ପୌରାଣିକ କଥା ଅନୁଯାୟୀ, ବର୍ବରିକଙ୍କ ପାଖରେ ୩ଟି ଏପରି ବାଣ ଥିଲା ଯେଉଁଥିରେ ପୁରା ସେନା ମାତ୍ର ଗୋଟିଏ କ୍ଷଣରେ ଶେଷ ହୋଇଯାଇଥାନ୍ତା । ବର୍ବରିକ୍ ଏହି ୩ଟି ବାଣରେ ୩ଲୋକକୁ ଜିତିପାରିଥାନ୍ତେ । ତାଙ୍କ ପାଖରେ ୩ଟି ଅମୋଘ ବାଣ ମଧ୍ୟ ଥିଲା ଯବର୍ବରିକ ଯୁଦ୍ଧ କରିବାକୁ ଚାହୁଁଥିଲେ କିନ୍ତୁ ଶ୍ରୀକୃଷ୍ଣଙ୍କୁ ଜଣାଥିଲା ଯେ ଯଦି ବର୍ବରିକ ଏହି ଯୁଦ୍ଧରେ ସାମିଲ୍ ହୁଅନ୍ତି ତେବେ ଯୁଦ୍ଧର ପରିଣାମ ଓଲଟା ହୋଇଯିବ । ଏଥିପାଇଁ ଶ୍ରୀକୃଷ୍ଣ ବ୍ରାହ୍ମଣ ବେଶରେ ବର୍ବରିକଙ୍କ ପାଖରେ ପହଞ୍ଚି ଭିକ୍ଷା ମାଗିଥିଲେ ।ଯେତେବେଳେ ବର୍ବରିକ ଭିକ୍ଷାରେ କଣ ଦରକାର ବୋଲି ବ୍ରାହ୍ମଣଙ୍କୁ ପଚାରିଥିଲେ ।ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ ତାଙ୍କର ମୁଣ୍ଡ ମାଗିଥିଲେ ।ଆଉ ବର୍ବରିକ୍ ଆଶ୍ଚର୍ଯ୍ୟ ହୋଇ ବ୍ରାହ୍ମଣଙ୍କୁ ତାଙ୍କର ପରିଚୟ ପଚାରିଥିଲେ ।ଏହାପରେ ଶ୍ରୀକୃଷ୍ଣ ନିଜ ବାସ୍ତବ ରୂପକୁ ଫେରିଥିଲେ ଏବଂ ବର୍ବରିକ୍ କୃଷ୍ଣଙ୍କର ସାକ୍ଷାତ ପାଇ ନିଜ ମୁଣ୍ଡକୁ ସମର୍ପଣ କରିଦେଇଥିଲେ ।କିନ୍ତୁ ବର୍ବରିକ୍ଙ୍କ କଟାମୁଣ୍ଡ ଶ୍ରୀକୃଷ୍ଣଙ୍କ ବରଦାନରୁ ମହାଭାରତର ପୁରା ଯୁଦ୍ଧ ଦେଖିଥିଲେ। କଳିଯୁଗରେ ବର୍ବରିକ୍ଙ୍କର ପୂଜା କରାଯିବା ନେଇ ଶ୍ରୀକୃଷ୍ଣ ବରଦାନ ଦେଇଥିଲେ। ଆଉ ବର୍ବରିକଙ୍କର ବର୍ତ୍ତମାନ ଖଟୁଶ୍ୟାମ ଭାବେ ପୂଜା ପାଉଛନ୍ତି।



## ବାବା ପଞ୍ଚାନନଙ୍କ ମାହାତ୍ମ୍ୟ ଅପାର, ଭକ୍ତର ସବୁ ମାନସିକ ପୂରଣ କରନ୍ତି ବାବା

ରଷିକୁଲ୍ୟା ନଦୀତଟରେ ପୂଜା ପାଉଛନ୍ତି ବାବା ପଞ୍ଚାନନ । ଗଞ୍ଜାମ ଜିଲ୍ଲା ସୋରଡ଼ାରେ ବସତି ସ୍ଥାପନ ପୂର୍ବରୁ ବାବା ପଞ୍ଚାନନ ପୂଜା ପାଇଆସୁଛନ୍ତି । ୫ଟି ବାଲୁକାରେ ସ୍ଥାପିତ ଲିଙ୍ଗ ମନ୍ଦିରର ଗର୍ଭଗୃହରେ



ଶୋଭାପାଉଛନ୍ତି । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ରଷିକୁଲ୍ୟା ନଦୀତଟ ଦେଇ ଦଣ୍ଡକାରଣ୍ୟ ଯାଇଥିଲେ। ଏହି ପବିତ୍ର ପଞ୍ଚାନନ ପୀଠ ଠାରୁ ଆରମ୍ଭ ହୋଇଛି ଦଣ୍ଡକାରଣ୍ୟ । ଋଷି କର୍ଦ୍ଦମ ଓ ଦେବହୂତିଙ୍କ ଅପାର କୃପାରୁ ଋଷିମାଳ ପର୍ବତରୁ ସୃଷ୍ଟ ରଷିକୁଲ୍ୟା ନଦୀରୁ ବାଲୁକା ଆଣି ଲିଙ୍ଗ ସ୍ଥାପନ କରି ପ୍ରତିଷ୍ଠା କରିଥିଲେ ଯପ୍ରଭୁ ଶ୍ରୀରାମଙ୍କ ପୂଜା ଆରାଧନାରେ ସନ୍ତୁଷ୍ଟ ହୋଇ ପ୍ରଭୁ ଶିବଶଙ୍କର ଓ ମାତା ପାର୍ବତୀ ଆର୍ବିଭିତ ହୋଇଥିଲେ । ଏହି ସ୍ଥାନରେ ପ୍ରଭୁ ରାମଚନ୍ଦ୍ର, ମାତା ଜାନକୀ, ପ୍ରଭୁ ଆଶୁତୋଷ ଓ ମାତା ପାର୍ବତୀଙ୍କ ମହା ମିଳନ ହୋଇଥିଲା ।କାଳକ୍ରମେ ଏହି ପୀଠ ନଦୀବାଲିରେ ପୋତି ହୋଇଯାଇଥିଲା। ନଳବଂଶ ରାଜା ନରେନ୍ଦ୍ର ଧବଳଙ୍କୁ ସ୍ୱପ୍ନାଦେଶ ହେବାରୁ ୯୩୫ ଖ୍ରୀଷ୍ଟାବ୍ଦରୁ ୯୬୨ ମଧ୍ୟରେ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ଅବଧୂତ ଗୁମ୍ଫିଙ୍କ ପ୍ରଚେଷ୍ଟାରେ ସେହି ୫ଲିଙ୍ଗଙ୍କୁ ଉଦ୍ଧାର କରାଯାଇ ମନ୍ଦିର ସ୍ଥାପନ କରାଯାଇଥିଲା ।ପରେ ଜନବସତି ଗଢି ଉଠିବାରୁ ଠାକୁରଙ୍କ ମହିମା ଦିନକୁ ଦିନ ବଢି ଚାଲିଲା। ପଞ୍ଚାନନ ପୀଠରେ ସବୁ ସମୟରେ ଭକ୍ତଙ୍କ ଗହଳି ଲାଗିରହୁଥିଲେ ମଧ୍ୟ ଜାଗରରେ ହଜାର ହଜାର ଭକ୍ତ ଦୀପ ଜାଳି ଉଜାଗର ରହିଥାନ୍ତି । ଶ୍ରାବଣରେ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି । କାର୍ତ୍ତିକ ସୋମବାର, ବୈଶାଖ ଓ ମାଘରେ ମଧ୍ୟ ଭକ୍ତଙ୍କ ଭିଡ଼ ଜମିଥାଏ । ମନ୍ଦିର ପରିସର ଅତି ସୁନ୍ଦର ।ଭକ୍ତଙ୍କ ପାଇଁ କଲ୍ୟାଣୀ ମଣ୍ଡପ, ସ୍ୱତନ୍ତ୍ର ଗୃହ, ପାନୀୟ ଜଳ, ଶୌଚଳୟ, ରୋଷେଇ ଗୃହ ପ୍ରଭୃତି ରହିଛି ।ଏହି ପୀଠକୁ ଆସିବାକୁ ହେଲେ ବ୍ରହ୍ମପୁର ଠାରୁ ୭୫ କିଲୋମିଟର ଆସିକା ଦେଇ ସୋରଡା ଆସିବାକୁ ପଡିବ । ସୋରଡା ଠାରୁ ମାତ୍ର ଏକ କିଲୋମିଟର ଓ ଭଞ୍ଜନଗର ଠାରୁ ମାତ୍ର ୩୦ କିଲୋମିଟର ଦୂରରେ ରହିଛି ଏହି ପ୍ରାଚୀନ ପୀଠ। ଏହି ଶୈବ ପୀଠର ମହାତ୍ମ୍ୟ ଅପାର ଯ ପ୍ରତ୍ୟକ ସମୟରେ ଭକ୍ତଙ୍କ ଦୁଖ ଶୁଣିଥାନ୍ତି ବାବା ପଞ୍ଚାନନ । ବାବାଙ୍କ ମହିମା ଯୋଗୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଭକ୍ତ ଆସିଥାନ୍ତି ଏଠାକୁ । ପ୍ରତେକ ମୁହୂର୍ତ୍ତରେ ପ୍ରଭୁ ଡାକ ଶୁଣନ୍ତି ଭକ୍ତମାନଙ୍କର । ଯାହାର ଅନେକ ଉଦାହରଣ ରହିଛି । ବହୁ ଭକ୍ତ ଏଠାକୁ ଆସି ଠାକୁରଙ୍କ ପାଖରେ ଅଧିଆ ମଧ୍ୟ ପଡ଼ିଥାନ୍ତି । ବାବାଙ୍କ ମହିମା ଏତେ ଅପାର ଯେ ବହୁ ଭକ୍ତ ଠାକୁରଙ୍କ ପାଖରେ ଆସି ମାନସିକ କରିଥାନ୍ତି ଆଉ ସମସ୍ତଙ୍କ ମାନସିକ ପୂରଣ ମଧ୍ୟ ହୁଏ ।

# ଜୋହୋ ସ୍କିଲ୍ ହବ୍ ଓ ପେଟିଏମ୍ ଜ୍ଞାନ ବାହାନ ଲୋକାର୍ପିତ



ଭୁବନେଶ୍ୱର,୧୮।୪ (ମହାଭାରତ): ବର୍ତ୍ତମାନର ପରିବର୍ତ୍ତିତ ବିଶ୍ୱରେ କେବଳ ଡିଗ୍ରୀ ବା ସାର୍ଟିଫିକେଟ୍ ଯଥେଷ୍ଟ ନୁହେଁ, ବରଂ 'ଦକ୍ଷତା ଆଧାରିତ ଶିକ୍ଷା' ହିଁ ଜଣେ ଛାତ୍ରର ପ୍ରକୃତ ପରିଚୟ ବୋଲି ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ କରିବା ସହ ପେଟିଏମ୍-ଓ୍ୱିଜଡମ୍ ଅନ୍ ହୁଇଲ୍ ସ (ଜ୍ଞାନ ବାହାନ)ର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି ।

ବିଶ୍ୱସ୍ତରୀୟ ଆଇଟି କମ୍ପାନୀ 'ଜୋହୋ' ସହଯୋଗରେ ସ୍ଥାପିତ 'ଜୋହୋ ସ୍କିଲ୍ ହବ୍'କୁ ଲୋକାର୍ପଣ କରି ମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ତାଲିମ କେନ୍ଦ୍ର ନୁହେଁ ବରଂ ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ୍ । ଏଠାରେ ଅତ୍ୟାଧୁନିକ କ୍ଲାସରୁମ୍ ଓ ପାର୍ଟନର ଅଫିସ୍ ଜରିଆରେ ଛାତ୍ରଛାତ୍ରୀମାନେ ବାସ୍ତବିକ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା ପାଇବେ । ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ଜୋହୋର ଅତ୍ୟାଧୁନିକ ଟେକ୍ନୋଲୋଜି ଉପରେ ତାଲିମ ପାଇପାରିବେ । ଜୋହୋ ସ୍କିଲ୍ ହବ୍ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ନିପୁଣ କରିବ । ଯେଉଁମାନେ ନିଜର ଦକ୍ଷତା ପ୍ରମାଣିତ କରିବେ, ସେମାନଙ୍କୁ ଜୋହୋର ପାର୍ଟନର ନେଟୱାର୍କ ସହ ଦେଶ-ବିଦେଶରେ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ । ଜୋହୋ ପକ୍ଷରୁ ରେସ୍ ଟୁ କ୍ଲାଉଡ୍ ପରି ସଂସ୍ଥାଗୁଡ଼ିକ ଓଡ଼ିଶାରେ ନିଜର ବେସ୍ ସ୍ଥାପନ କରିବା ଆଗାମୀ ଦିନରେ ସମଗ୍ର ଦେଶ ପାଇଁ ଏକ ମଡେଲ ସାଜିବ ।

ଶ୍ରୀ ପ୍ରଧାନ କହିଛନ୍ତି, ସାମାଜିକ ଦାୟିତ୍ୱବୋଧର ଏକ ଅଂଶସ୍ୱରୂପ ପେଟିଏମ ଫାଉଣ୍ଡେସନ ଏବଂ ଭିସୁଟର ମିଳିତ ସହଯୋଗରେ ଜ୍ଞାନ ବାହନର ଶୁଭାରମ୍ଭ ପ୍ରଂଶସନୀୟ । ଏହି ଅତ୍ୟାଧୁନିକ ବସ୍ ଗ୍ରାମାଞ୍ଚଳର ସରକାରୀ ସ୍କୁଲ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ପ୍ରଦାନ କରିବ। ଏହି ପଦକ୍ଷେପ ତୃଣମୂଳ ସ୍ତରରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ଜୋହୋ, ପେଟିଏମ ଏବଂ ଭିସୁଟକୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ବୁର୍ଲାର ଭିସୁଟ ଅନୁଷ୍ଠାନ ସର୍ବଦା ଗୋଟିଏ ଅଗ୍ରଣୀ ଅନୁଷ୍ଠାନ ଭାବେ ବୈଷୟିକ ଜ୍ଞାନକୌଶଳରେ ନିଜର ଚରିତ୍ରକୁ ପ୍ରତିପାଦିତ କରିଛି । ଭିସୁଟ୍ ସର୍ବଦା ଏକ ପ୍ରାୟୋଗିକ ଶିକ୍ଷା କେନ୍ଦ୍ର ଭାବେ କାର୍ଯ୍ୟଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦେଇଆସିଛି । ଜୋହୋ ପରି ବିଶ୍ୱସ୍ତରୀୟ କମ୍ପାନୀର ସହଯୋଗରେ ଏବେ ସମ୍ବଲପୁରର ଇଞ୍ଜିନିୟରିଂ ଓ ଅଣ-ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ଟେକ୍ନୋଲୋଜିରେ ଦକ୍ଷ ହୋଇ ନିଜକୁ ନିଯୁକ୍ତିଦାତା ଭାବେ ଗଢ଼ିତୋଳିବେ । ସମ୍ବଲପୁରର ଶିକ୍ଷା କ୍ଲଷ୍ଟର ସମ୍ପର୍କରେ ଆଲୋକପାତ କରି ମନ୍ତ୍ରୀ କହିଛନ୍ତି ଯେ, ଭିସୁଟର ବୈଷୟିକ ଜ୍ଞାନକୌଶଳ, ଭିମସାରର ଚିକିତ୍ସା ବିଜ୍ଞାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ଏବଂ ଆଇଆଇଏମ. ସମ୍ବଲପୁରର ମ୍ୟାନେଜମେଣ୍ଟ ଦକ୍ଷତାକୁ ସମନ୍ୱିତ କରି ଏକ 'ମଲଟି-ଡିସିପ୍ଲିନାରୀ' ଶିକ୍ଷା ବ୍ୟବସ୍ଥା ତିଆରି କରାଯିବ । ଏଥିପାଇଁ ସବୁ ଶିକ୍ଷାନୁଷ୍ଠାନର ପ୍ରାଧ୍ୟାପକମାନେ ଯୋଜନା କରିବା ଦରକାର । ଆଇଆଇଟି ମାଡ୍ରାସ ସହ ମିଶି ପାଠ୍ୟକ୍ରମର ଆଧୁନିକୀକରଣ ଏବଂ ଆଇଆଇଟି କାନପୁର ସହ ସହରୀ ସ୍ଥାୟୀ ବିକାଶ ପାଇଁ ହୋଇଥିବା ଚୁକ୍ତି ବୁର୍ଲାକୁ ଏକ ବିଶ୍ୱସ୍ତରୀୟ ଜ୍ଞାନର କେନ୍ଦ୍ର ଓ ରୋଜଗାର ସୃଷ୍ଟିର ପ୍ରମୁଖ ସ୍ଥଳରେ ପରିଣତ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ଶ୍ରୀ ପ୍ରଧାନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ନୂତନ 'ପ୍ରଶିକ୍ଷଣ ଓ ନିଯୁକ୍ତି ଭବନ' ଏବଂ 'ସ୍ପୋର୍ଟ୍ସ କମ୍ପଲେକ୍ସ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ବୈଷୟିକ ପ୍ରଶିକ୍ଷଣ ଦେବା ସହ ସେମାନଙ୍କ ଶାରୀରିକ ବିକାଶ ଓ କ୍ରୀଡ଼ା ପ୍ରତିଭାକୁ ଉନ୍ନୀତ କରିବାରେ ସହାୟକ ହେବ। ଏହି ଅବସରରେ ମନ୍ତ୍ରୀ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଇନୋଭେଟରମାନଙ୍କୁ ମଧ୍ୟ ସମ୍ମାନିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ ।

# ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ନବବର୍ଷ ସ୍ୱାଗତ ଉତ୍ସବ

ଭୁବନେଶ୍ୱର,୧୮।୪ (ମହାଭାରତ): ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ମଙ୍ଗଳବାର ପବିତ୍ର ପଣା ସଂକ୍ରାନ୍ତି ଓ ନବ ସ୍ୱାଗତ ଉତ୍ସବ ଭୁବନେଶ୍ୱରଠାରେ ଖଣ୍ଡଗିରିବାରୀ କମ୍ୟୁନିଟି ସେଂଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମା ଅଧ୍ୟକ୍ଷତା କରି ସଂଗଠନର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶ୍ୱ ଓଡ଼ିଆ ପରିବାରର 'ଓଡ଼ିଆ ପଞ୍ଜିକା' କୁ ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମରେ ସଭାପତି, ଇଣ୍ଡିଆନ୍ ଚେମ୍ବର ଅଫ୍ କମର୍ସ, ଓଡ଼ିଶା ରାଜୀବ ଶେଖର ସାହୁ ଉତ୍ସବରେ ଉଦ୍‌ଘାଟକ ଭାବରେ ଯୋଗଦେଇ କହିଥିଲେ ଯେ, ବିଗତ ହଜାର ହଜାର ବର୍ଷର ଓଡ଼ିଆ ସଂସ୍କୃତିକୁ ଚାପି ଦିଆଯାଇ ପାଶ୍ଚାତ୍ୟ ଅପସଂସ୍କୃତିକୁ ଆମ ଉପରେ ଲଦି ଦିଆଯାଇଛି। ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଯେପରି ମହାନ ଓ ବଳିଷ୍ଠ ସେପରି ଓଡ଼ିଆର ବାଣିଜ୍ୟ ପରମ୍ପରା ମଧ୍ୟ ଅତି ସମୃଦ୍ଧ ଥିଲା। ବିଶେଷ କରି ଉଦ୍ୟୋଗ ତଥା ବ୍ୟବସାୟ କ୍ଷେତ୍ରକୁ ଏକ ନକରାତ୍ମକ ଭାବରେ ଉପସ୍ଥାପନ କରାଯାଉଛି। ତେବେ ଆଜିର ନବବର୍ଷରେ ଓଡ଼ିଆତ୍ୱ ରକ୍ଷା ପାଇଁ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଦୋଳଗୋବିନ୍ଦ ପଣ୍ଡା ଜ୍ୟୋତିର୍ବିଦ୍ୟାବାଚସ୍ପତି ଯୋଗ ଦେଇଥିଲେ। ଓଡ଼ିଆତ୍ୱ ଜାଗ୍ରତ ପାଇଁ ଓ ଓଡ଼ିଆ ପରମ୍ପରା ସହିତ ପଣା ସଂକ୍ରାନ୍ତି ତଥା ନବବର୍ଷର ଯେଉଁ ସଂକଳ୍ପ ରହିଛି ତାହା ଉପରେ ସେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟକ, ବର୍ଷିୟାନ୍ ଗାନ୍ଧିବାଦୀ ତଥା ଶତାୟୁ ଶ୍ରୀ ପଦ୍ମଚରଣ ନାୟକ ମଦମୁକ୍ତି ଆନ୍ଦୋଳନ ଓ ନିଶା ନିବାରଣର ଆବଶ୍ୟକତା ତଥା ଏହାର ନିରାକରଣ ପାଇଁ ଆଜି ଦିନରେ ଶପଥ ନେବାକୁ ସେ ଆହ୍ୱାନ ଦେଇଥିଲେ। ସ୍ଥାନୀୟ କର୍ପୋରେଟର୍ ଶ୍ରୀ ଦିଲ୍ଲୀପ ମାଝୀ ନିଶା କିଭଳି ଭାବରେ ସମାଜକୁ କଳୁଷିତ ତଥା କବଳିତ କରିଛି ଓ ଏହାର କିପରି ପାଦୁର୍ଭାବ ରହିଛି ତାହା ଉପରେ ଆଲୋଚନା କରିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ।

# ସିବିଏସ୍‌ଇ ପରୀକ୍ଷାରେ କିଟ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର,୧୮।୪ (ମହାଭାରତ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି। ଏଥିରେ ଦଶମ ଶ୍ରେଣୀରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସ୍କୁଲ୍‌ର ଛାତ୍ର ଅଦ୍ୱେୟ ଷଡ଼ଙ୍ଗୀ ସର୍ବାଧିକ ୯୯.୮ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଥିବା ବେଳେ ଛାତ୍ରୀ ସ୍ୱସ୍ତିକା ମିଶ୍ର ୯୯.୪ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଅଛନ୍ତି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ସମସ୍ତ ଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ କରିଥିବ ବେଳ ୭୦ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ ସ୍ପେଶିଆଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବ୍‌ରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ବେଶ ସନ୍ତୋଷଜନକ ସଫଳତା ହାସଲ କରିଛନ୍ତି। ସେନ୍ ଗ୍ଲୋବ ଛାତ୍ର ସାତ୍ତ୍ୱିକ ସନ୍ତୋଷ ତ୍ରିପାଠି ସର୍ବାଧିକ ୯୫.୪ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। ପରୀକ୍ଷା ଫଳାଫଳରେ ଖୁସି ବ୍ୟକ୍ତ କରି ଅଦ୍ୱେୟ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଶିକ୍ଷକ ଶିକ୍ଷୟିତ୍ରୀ, ସହପାଠୀ ଓ ପରିବାର ଲୋକଙ୍କୁ ତାଙ୍କର ଶ୍ରେୟ ଦେଇଛନ୍ତି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ଯୋଗଦେବା ମୋ ପାଇଁ ଉପଯୁକ୍ତ ସାବ୍ୟସ୍ତ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

ସ୍କୁଲ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୮ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି। ଏଥିପାଇଁ ସେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶେଷ କରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଇପାରୁଥିବାରୁ ସେମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଛନ୍ତି। ମାନସିକସ୍ତରରେ ସେମାନେ ଦୁର୍ବଳ ଥିଲେ ମଧ୍ୟ ବହୁ କଷ୍ଟକରି ସେମାନେ ସଫଳତା ପାଇବା ସ୍କୁଲ୍ ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି। କଳରାବାଙ୍କ ଇଂଲିଶ ମିଡ଼ିୟମ୍ ସ୍କୁଲ୍‌ରେ ମଧ୍ୟ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ୍ କରିଛନ୍ତି। ସ୍କୁଲ୍‌ର ଦିବ୍ୟଜ୍ୟୋତି ଦୀପଙ୍କର ସାହୁ ସର୍ବାଧିକ ୯୮% ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। ଏହି ସଫଳତାରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ସ୍କୁଲ୍‌ର ଅଧ୍ୟକ୍ଷ ଅଶୋକ କୁମାର ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଜେପିର ପ୍ରତିନିଧି ଦଳର ସିଜିମାଳି ଅଂଚଳରେ ସ୍ଥିତି ଅନୁଧ୍ୟାନ

ଭୁବନେଶ୍ୱର,୧୮।୪ (ମହାଭାରତ): ଗତ ବିଜେଡି ସରକାର ଅମଳରେ ୨୦୨୩ ମସିହାରେ ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ସିଜିମାଳି ଅଂଚଳରେ ଥିବା ଖଣି ଲିଜ୍ ପ୍ରଦାନ କରାଯାଇଥିଲା । ଲିଜ ପ୍ରକ୍ରିୟାରେ ଅନେକ ଆଇନଗତ ତୃଟି ଅଛି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି । ସେହି କାରଣକୁ ଦର୍ଶାଇ ଖଣି ଅଂଚଳରେ ରାସ୍ତା ନିର୍ମାଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ । ଖଣିକୁ ନେଇ ବହୁତ ଲୋକ ଭିନ୍ନ ଭିନ୍ନ କଥା ହେବା କାରଣରୁ ଏବଂ ଓ ବିଭିନ୍ନ ରାଜନୈତିକ ଦଳର ବିଭ୍ରାନ୍ତକାରୀ ମନ୍ତବ୍ୟ କାରଣରୁ ସ୍ଥାନୀୟ ବାସିନ୍ଦାଙ୍କ ମନ ଭିତରେ ଭୟ ସୃଷ୍ଟି ହୋଇଛି । ଆଜି ଆଲୋଚନା ସମୟରେ ସ୍ଥାନୀୟ ବାସିନ୍ଦା ଏବଂ ଆନ୍ଦୋଳନକାରୀ ଦାବୀ ପତ୍ର ଜରିଆରେ ପ୍ରତିନିଧିଦଳକୁ ଅଭିଯୋଗ କରିଛନ୍ତି । ଖଣି ଖାଦାନକୁ ନେଇ ବିଗତ ଦିନମାନଙ୍କରେ କାଶିପୁର ଅଂଚଳବାସୀଙ୍କୁ ପ୍ରଶାସନ ନିର୍ଯ୍ୟାତନା ଦେଉଥିବା ଏବଂ ଅକାରଣରେ ମିଥ୍ୟା ମକଦ୍ଦମା କରି ଗର୍ଭବତୀ ମହିଳାଙ୍କ



ସହିତ ଶିଶୁମାନଙ୍କୁ ଅଧ ରାତିରେ ଜେଲରେ ଭର୍ତ୍ତି କରିଦିଆଯାଉଥିବାର ଅଭିଯୋଗ କରିଛନ୍ତି । ସିଜିମାଳିବାସୀଙ୍କ ପ୍ରତି ବିଗତ ଦିନରେ ଯେଉଁ ଅନ୍ୟାୟ ଓ ଅତ୍ୟାଚାରର ଅଭିଯୋଗ ଆସିଛି, ତାର ସମାଧାନ ନିଶ୍ଚିତ ହେବ । କାହା ପ୍ରତି କୌଣସି ଅନ୍ୟାୟ ହେବ ନାହିଁ । ଆମେ ସ୍ଥାନୀୟ ବାସିନ୍ଦାଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛୁ । ଏଥି ସହ ସ୍ଥାନୀୟ ପୋଲିସ, ପ୍ରଶାସନ ଏବଂ ଜିଲ୍ଲାପାଳଙ୍କ ସହ ମଧ୍ୟ ବିସ୍ତୃତ ଆଲୋଚନା କରିଛୁ । ବାସ୍ତବ ସ୍ଥିତି ଏବଂ ସ୍ଥାନୀୟ ବାସିଙ୍କ ସହ ହୋଇଥିବା ଆଲୋଚନା ସଂପର୍କରେ ଆମେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କୁ ଅବଗତ କରିବୁ ବୋଲି ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ନବରଙ୍ଗପୁର ସାଂସଦ ଶ୍ରୀ ବଳଭଦ୍ର ମାଝୀ କହିଛନ୍ତି ।

ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ସିଜିମାଳି ଅଂଚଳରେ ଉପୁଜିଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ମାନ୍ୟବର ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ନିର୍ଦ୍ଦେଶରେ ନବରଙ୍ଗପୁର ସାଂସଦ ଶ୍ରୀ ବଳଭଦ୍ର ମାଝୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟୀର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗସ୍ତ କରିଥିଲେ । ଏହି ପ୍ରତିନିଧି ଦଳରେ ବିଧାୟକ ରଘୁରାମ ମାଛ, ରୁପୁ ଭତ୍ରା, ସୁଧୀର ପାଟ୍ଟଯୋଶୀ; ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ ଓ କୈଳାଶ କୁଲେଶିକା; କୋରାପୁଟ ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ରାୟଗଡା ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା, ରାଜ୍ୟ ସାଧାରଣ ସଂପାଦିକା ପୂର୍ଣ୍ଣିମା ନାୟକ, ରାୟଗଡା ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ରାୟଗଡା ଜିଲ୍ଲା ପୂର୍ବତନ ସଭାପତି ଶିବ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ ପ୍ରଧାନଙ୍କ ସମେତ ଅନେକ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ସୋଆ ପକ୍ଷରୁ ପ୍ରଥମ ଆଇଇଇଇ ଆନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର,୧୮।୪ (ମହାଭାରତ): ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ, ବିଗ୍ ଡାଟା ଆନାଲିଟିକ୍ସ, ଡିପ୍ ଲର୍ଣ୍ଣିଙ୍ଗ, କ୍ଲାଉଡ୍ ଆଣ୍ଡ ଫଗ୍ କମ୍ପ୍ୟୁଟିଙ୍ଗ, ଇନ୍‌ଟରନେଟ ଅଫ୍ ଥିଙ୍ଗସ ଓ ଇଭୋଲ୍ୟୁସନାରୀ କମ୍ପ୍ୟୁଟିଙ୍ଗ ଭଳି ବିବିଧ ବିଷୟକୁ ନେଇ ଗତ ଏପ୍ରିଲ୍ ୧୦ ଏବଂ ୧୧ ଦୁଇ ଦିନ ଧରି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୁଇ ଦିନିଆ ପ୍ରଥମ ଆଇଇଇଇ ଆନ୍ତର୍ଜାତିକ ସମ୍ମିଳନୀ 'ଇମର୍ଜିଂ ଟ୍ରେଣ୍ଡସ ଇନ୍ ଆଡଭାନ୍ସମେନ୍ସ ଆଣ୍ଡ ଆପ୍ଲିକେସନ୍ସ ଅଫ୍ କମ୍ପ୍ୟୁଟେସ୍‌ନାଲ ଇନ୍‌ଟେଲିଜେନ୍ସ ଟେକ୍ନିକ୍ସ' (ଇଟିଏଏସିଟି ୨୦୨୬) ଆୟୋଜିତ ହୋଇଯାଇଛି। ହାଇବ୍ରିଡ୍ ମୁଡ୍‌ରେ ଆୟୋଜିତ ଏହି ସମ୍ମିଳନୀରେ ବିଶ୍ୱସ୍ତରୀୟ ଗବେଷକ, ଶିକ୍ଷାବିତ୍, ବୈଜ୍ଞାନିକ, ଶିଳ୍ପ ବିଶେଷଜ୍ଞ ଯୋଗ ଦେଇଥିଲେ। ନ୍ୟୁରୋଲା ନେଟୱାର୍କ, ଅପ୍ଟିମାଇଜେସନ୍ ଟେକ୍ନିକ୍ସ ଓ ସିକ୍ୟୁରିଟି ଟେକ୍ନୋଲଜି ଭଳି ପ୍ରସଙ୍ଗକୁ ନେଇ ବିଶେଷଜ୍ଞମାନେ ଆଲୋଚନା କରିଥିଲେ।



ବିଶେଷଜ୍ଞମାନଙ୍କ ମଧ୍ୟରେ ବିଟ୍ସ ପିଲାନି, ଦୁବାଇ କ୍ୟାମ୍ପସ୍‌ର ପ୍ରଫେସର ଅମିତାଭ ମୁଖାର୍ଜୀ, ଆଇଆଇଟି, ପାଟନାର ପ୍ରଫେସର ସୋମନାଥ ତ୍ରିପାଠୀ, ୟୋନସେଇ ବିଶ୍ୱବିଦ୍ୟାଳୟ, ସାଉଥକୋରିଆର ପ୍ରଫେସର ସୁଙ୍ଗ-ବେ ସୋ ଏବଂ ଏନ୍‌ଆଇଟି, ରାଉରକେଲାର ପ୍ରଫେସର ବିଭୁଦତ ସାହୁ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ।

ସମ୍ମିଳନୀରେ ମୁଖ୍ୟତଃ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଆଣ୍ଡ ଡାଟା ସାଇନସେସ୍, ନ୍ୟୁରାଲ ନେଟୱାର୍କସ ଆଣ୍ଡ ଫଜି ଲଜିକ, ଅପ୍ଟିମାଇଜେସନ୍ ଟେକ୍ନିକ୍ସ, ଆପ୍ଲାଏଡ୍ ମେସିନ୍ ଲର୍ଣ୍ଣିଙ୍ଗ, ସିକ୍ୟୁରିଟି ଟୁଲ୍ସ ଆଣ୍ଡ ବ୍ଲକ୍‌ଚେନ୍, ସର୍ଚ୍ଚ ଇଞ୍ଜିନ୍ ଆଣ୍ଡ ଇନ୍‌ଫର୍ମେସନ୍ ରିଟ୍ରିଭାଲ୍, କ୍ଲାଉଡ କମ୍ପ୍ୟୁଟିଙ୍ଗ, ପାରାଲାଲ୍ କମ୍ପ୍ୟୁଟିଙ୍ଗ, ଫେଡେରେଟେଡ୍ ଲର୍ଣ୍ଣିଙ୍ଗ ଓ ଇନ୍‌ଟେରନେଟ୍ ଅଫ୍ ଥିଙ୍ଗସ ଭଳି ୭ଟି ନିର୍ଦ୍ଦିଷ୍ଟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୟୁକେ, ୟୁଏସଏ, ଥାଇଲ୍ୟାଣ୍ଡ, ୟୁଏଇ, ମାଲେସିଆ, ଜର୍ମାନୀ, ନ୍ୟୁଜିଲ୍ୟାଣ୍ଡ ଏବଂ ଜୋର୍ଡାନ୍ ଭଳି ଦେଶରୁ ପ୍ରାୟ ୨୦୦୦ ଗବେଷଣା ସନ୍ଦର୍ଭ ଏହି ସମ୍ମିଳନୀରେ ସଂଗୃହୀତ ହୋଇଥିଲା।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ ଏବଂ କମ୍ପ୍ୟୁଟର ସାଇନ୍‌ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର ଯୋଗ ଦେଇଥିଲେ। ସମ୍ମିଳନୀର ପ୍ରୋଗ୍ରାମ ଚେୟାର ଡକ୍ଟର ରଶ୍ମିତା ଦାଶ ଆଲୋଚନା ଗୁଡ଼ିକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଟିପିସି ଚେୟାର ଡକ୍ଟର ରାଜଶ୍ରୀ ଦାଶ ଏବଂ ଅର୍ଗାନାଇଜିଂ ଚେୟାର ଡକ୍ଟର ରଶ୍ମିତା ରାଉତରାୟ ସହଯୋଗ କରିଥିଲେ।

# ସମ୍ବଲପୁରରେ ୩୭୫ କୋଟିର ପ୍ରକଳ୍ପ ଲୋକାର୍ପିତ

ଭୁବନେଶ୍ୱର,୧୮।୪ (ମହାଭାରତ): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ସମ୍ବିଧାନ ପ୍ରଣେତା ବାବାସାହେବ ଡଃ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲା କୁଚିଣ୍ଡା, ବାମରା ଏବଂ ଜମନକିରା ଅଂଚଳ ପାଇଁ ଏକ ବଡ଼ ବିକାଶର ଭେଟି ଦେଇଛନ୍ତି । ଶ୍ରୀ ପ୍ରଧାନ ଏହି ଅଂଚଳ ଗସ୍ତ ସମୟରେ ପ୍ରାୟ ୩୭୫ କୋଟି ୩୬ ଲକ୍ଷ ଟଙ୍କା ମୂଲ୍ୟର ୭୮ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ ଲାଭାର୍ଥୀଙ୍କୁ ସରକାରୀ ଯୋଜନା ହସ୍ତାନ୍ତର କରିଛନ୍ତି ।

କୁଚିଣ୍ଡା ଓ ବାମରା ଠାରେ ଆୟୋଜିତ ପୃଥକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ୧୦୮ କୋଟି ୩୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଉଦଘାଟନ କରିଥିବା ବେଳେ୨୬୭ କୋଟି ୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । କୁଚିଣ୍ଡା ଠାରେ ଏକ ନୂତନ ଉପଖଣ୍ଡ ଚିକିତ୍ସାଳୟ ଭବନର ଭୂମିପୂଜନ କରି ଶ୍ରୀ ପ୍ରଧାନ କହିଥିଲେ, ପ୍ରାୟ ୫୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଅତ୍ୟାଧୁନିକ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଏବଂ ସ୍ୱତନ୍ତ୍ର ଟ୍ରମା କେୟାର ସେଂଟର ସ୍ଥାନୀୟ ଅଂଚଳର ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବ । ଏଥିସହ ୫ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟରେ କୁଚିଣ୍ଡା ଯାତ୍ରା ପଡ଼ିଆ ଓ କୁଣ୍ଡାପୋଷି ଠାରେ ଦୁଇଟି ବହୁମୁଖୀ କଲ୍ୟାଣ ମଣ୍ଡପର ଉଦଘାଟନ ଏବଂ ୬ କୋଟି ଟଙ୍କା ବ୍ୟୟରେ କୁଚିଣ୍ଡା ବିଜ୍ଞାପିତ ଅଂଚଳ ପରିଷଦର ନୂତନ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଛି। ଲୋକାର୍ପିତ ନୂତନ କମ୍ୟୁନିଟି ସେଂଟର ଅଂଚଳର ଗରିବ ସାଧାରଣ ଲୋକମାନଙ୍କର ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା ବ୍ରତଘର ଓ ବିବାହ ପାଇଁ ବହୁତ ସହାୟକ ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ କୁଚିଣ୍ଡା ଉପଖଣ୍ଡର ସର୍ବାଙ୍ଗୀନ ବିକାଶ, ସବୁଜାୟନ ଏବଂ ଉନ୍ନତ ନାଗରିକ ସେବା ଯୋଗାଇଦେବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ। ଆଜି ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ କୁଚିଣ୍ଡା ଉପଖଣ୍ଡର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ମଜଭୂତ୍ କରିବ । ବିଶେଷ କରି ବାମରା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ନୂତନ ସଫେଇ ଗାଡ଼ିର ଶୁଭାରମ୍ଭ ସହରୀ ଜୀବନକୁ ଆହୁରି ସୁବିଧାଜନକ କରିବ । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗମନାଗମନ ସହ ଅନ୍ୟାନ୍ୟ ସାମାଜିକ ଭିତିଭୂମିଗୁଡ଼ିକ ସ୍ଥାନୀୟ ଜନସାଧାରଣଙ୍କ ଜୀବନଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ।

# ତୂଳୀରେ ଓଡ଼ିଆ ଅସ୍ମିତା

ଭୁବନେଶ୍ୱର,୧୮।୪ (ମହାଭାରତ): ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତିର ପବିତ୍ର ଅବସରରେ ଭୀମଟାଙ୍ଗି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ତୂଳୀରେ ଏକ ଚମତ୍କାର କଳାକୃତି ମାଧ୍ୟମରେ ସମସ୍ତଙ୍କୁ ମୁଗ୍ଧ କରିଛନ୍ତି । କୁନି ଚିତ୍ରଶିଳ୍ପୀ ଭାବେ ସୁନାମ ଅର୍ଜନ କରିଥିବା ଶାନ୍ତନୁଙ୍କ ଏହି ଚିତ୍ରରେ ଓଡ଼ିଆ ଘରର ପରମ୍ପରା, ବେଲପଣା ଏବଂ ତୁଳସୀ ଚଉରାର ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଛି । ଚିତ୍ରଟିରେ ଶ୍ରୀଜଗନ୍ନାଥଙ୍କ ଉପସ୍ଥିତି ସହ ପଣା ପାନ କରୁଥିବା ଶ୍ରଦ୍ଧାଳୁଙ୍କ ଦୃଶ୍ୟ ଓଡ଼ିଶାର ଆଧ୍ୟାତ୍ମିକ ଓ ସାମାଜିକ ସଂସ୍କୃତିର ଏକ ଜୀବନ୍ତ ପ୍ରତିଫଳନ । ନିଜର ନିଖୁଣ କାରୁକାର୍ଯ୍ୟ ଜରିଆରେ ସେ ଓଡ଼ିଆ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଓଡ଼ିଆ ଅସ୍ମିତାର ବା□ା ପ୍ରଦାନ କରିଛନ୍ତି । ଏହି ଚିତ୍ର ମାଧ୍ୟମରେ ସେ ଆଧୁନିକ ପିଢ଼ୀକୁ ନିଜର ମୂଳ ପରମ୍ପରା ସହ ଯୋଡ଼ିବାକୁ ଏକ ଅଭିନବ ପ୍ରୟାସ କରିଛନ୍ତି । ଛୋଟ ବୟସରେ ଓଡ଼ିଆ କଳା ଓ ସଂସ୍କୃତି ପ୍ରତି ତାଙ୍କର ଏହି ନିଷ୍ଠା ସମସ୍ତଙ୍କୁ ପ୍ରେରଣା ଦେଇଛି । ଶାନ୍ତନୁ କୁହନ୍ତି, ଚିତ୍ରକଳା ତାଙ୍କ ପାଇଁ କେବଳ ଏକ ସଉକ ନୁହେଁ, ବରଂ ନିଜର ଭାବନାକୁ ବ୍ୟକ୍ତ କରିବାର ଏକ ଶକ୍ତ ମାଧ୍ୟମ । ଆଗକୁ ସେ ଓଡ଼ିଶାର ଲୋକକଳାକୁ ବିଶ୍ୱ ଦରବାରରେ ପହ□ାଇବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ପବିତ୍ର ସଂକ୍ରାନ୍ତିରେ ଶାନ୍ତନୁଙ୍କ ଏହି ସୁନ୍ଦର ଶୁଭେଚ୍ଛା ଭରା ଚିତ୍ର ସମସ୍ତଙ୍କ ମନରେ ନବବର୍ଷର ଉତ୍ସାହ ଭରିଦେଇଛି ।

# 'ମହିଳା ସଶକ୍ତିକରଣର ମହାନାୟକ ବିଜୁବାବୁ' ଆଲୋଚନାଚକ୍ର

ଭୁବନେଶ୍ୱର,୧୮।୪ (ମହାଭାରତ): ମହିଳା ସଶକ୍ତିକରଣର ମହାନାୟକ, ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପୂଣ୍ୟ ତିଥି ଅବ୍ୟବହିତ ପୂର୍ବରୁ ଆଜି ଶଙ୍ଖ ଭବନ ଠାରେ ବିଜୁ ମହିଳା ଜନତା ଦଳ ତରଫରୁ ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର ଏହି ଆଲୋଚନାଚକ୍ରରେ ଉଦ୍ବୋଧନ ଦେଇ କହିଥିଲେ ଯେ, ଆବାହମାନ କାଳରୁ ଓଡ଼ିଆ ସଂସ୍କୃତିରେ ମାତୃ ଉପାସନା ପରମ୍ପରା ରହିଆସିଛି । ସ୍ୱାଧୀନତା ସଂଗ୍ରାମରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଉଲ୍ଲେଖ କରି ପ୍ରବାଦ ପୁରୁଷ ବିଜୁ ବାବୁ କିଭଳି ମହିଳା ସଶକ୍ତିକରଣର ବାର୍ତ୍ତାବହ ଭାବେ କାର୍ଯ୍ୟ କରୁଥିଲେ, ତାହାର ବର୍ଣ୍ଣନା କରିଥିଲେ । ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ଏପ୍ରିଲ ୧୭ ତାରିଖରେ ଦଳ ତରଫରୁ 'ପ୍ରବାଦ ପୁରୁଷ ଦିବସ' ଭାବେ ରାଜ୍ୟବ୍ୟାପୀ ପାଳିତ ହେବ ବୋଲି ଶ୍ରୀ ମିଶ୍ର କହିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ, ଦଳର ଉପସଭାପତି ତଥା ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ ଯେ, ୯୦ ଦଶକରେ ବିଜୁ ବାବୁ ମହିଳାଙ୍କୁ




ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ମହିଳା ଓ ଶିଶୁ ବିକାଶ ବିଭାଗ, ମହିଳା କମିଶନ, ମହିଳା ଥାନା ଓ ମହିଳା ବ୍ୟାଙ୍କ ସ୍ଥାପନ ଭଳି ଐତିହାସିକ ପଦକ୍ଷେପ ନେଇଥିଲେ । ସମାଜର ନିମ୍ନ ବର୍ଗର ମହିଳାଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ନିରନ୍ତର ଉଦ୍ୟମ କରୁଥିଲେ । ବର୍ତ୍ତମାନର ସରକାର ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ଅସମର୍ଥ ଥିବାବେଳେ ପ୍ରଚାର ସର୍ବସ୍ୱ ଅଭିଯାନରେ ବ୍ୟସ୍ତ ।

ଦଳର ଉପସଭାପତି (ଓବିସି ସେଲ୍) ତଥା ବିଧାୟକ ଡ଼ ଅରୁଣ କୁମାର ସାହୁ, ସମାଜରେ ସଶକ୍ତ ମହିଳାଙ୍କ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ମହିଳା ସଶକ୍ତିକରଣ କ୍ଷେତ୍ରରେ ସାବିତ୍ରୀବାଇ ଫୁଲେଙ୍କ ଠାରୁ ଆରମ୍ଭ କରି ବିଜୁ ବାବୁଙ୍କ ପର୍ଯ୍ୟନ୍ତ ଅନେକ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ କହିବା ସହ ପ୍ରବାଦ ପୁରୁଷ ବିଜୁ ବାବୁ କିଭଳି ଗ୍ରାମୀଣ ମହିଳାଙ୍କ ଉତ୍ଥାନ ପାଇଁ କାର୍ଯ୍ୟ କରୁଥିଲେ, ତାହାର ଅବତାରଣା କରିଥିଲେ । ଡ଼ ସାହୁ କହିଥିଲେ, ୧୯୯୨ରେ ପଞ୍ଚାୟତିରାଜ ଓ ପୌରସଂସ୍ଥା ମାନଙ୍କରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା ବିଜୁ ବାବୁଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା । ନବୀନ ବାବୁ ମୁଖ୍ୟମନ୍ତ୍ରୀ ହେବା ପରେ ଏହି ସଂରକ୍ଷଣ ୫୦%କୁ ବୃଦ୍ଧି କରିବା ସହ ସ୍ୱତନ୍ତ୍ର ମିଶନ ଶକ୍ତି ବିଭାଗ ଗଠନ କରି ମହିଳାଙ୍କୁ ସ୍ୱାବଲମ୍ବୀ କରିଥିଲେ। ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ବିକାଶ ପାଇଁ ନବୀନ ବାବୁଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ । ଭୁବେନଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଥିଲେ ଯେ, ତରବରିଆ ଭାବେ ରାଜନୈତିକ ଉଦ୍ଦେଶ୍ୟ ରଖି ସରକାର ମହିଳା ସଂରକ୍ଷଣ ବିଲ୍ ଆଣିଛନ୍ତି । ପୂର୍ବତନ ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ଶ୍ରୀମତୀ କସ୍ତୁରୀ ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ମୁଖପାତ୍ର ତୁମ୍ବନାଥ ପଣ୍ଡା, ଡ଼ ଗୀତା ବସ୍ତିଆ ପ୍ରମୁଖ ଏହି ଆଲୋଚନାଚକ୍ରରେ ଉପସ୍ଥିତ ଥିଲେ। ପରେ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମହିଳା ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ଯେତେବେଳେ ମହିଳା ମାନଙ୍କୁ ସଶକ୍ତ କରିବା କଥା କେହି ଚିନ୍ତା କରିନଥିଲେ, ସେହି ସମୟରେ ପ୍ରବାଦ ପୁରୁଷ ବିଜୁ ବାବୁ ମହିଳାଙ୍କୁ ସଶକ୍ତ କରିବାକୁ ଅନେକ ପଦକ୍ଷେପ ନେଇଥିଲେ।

# ଅଭିବୃଦ୍ଧି ହାର କମିବ

୨୦୨୬-୨୭ରେ ଅଭିବୃଦ୍ଧି ହାର ୬.୮ରୁ ୭.୨ ପ୍ରତିଶତ ରହିବ ବୋଲି ସର୍ଭେ ରିପୋର୍ଟରେ ପୂର୍ବାନୁମାନ କରାଯାଇଛି। ଯଦି ଏହି ହାରରେ ଅଭିବୃଦ୍ଧି ଜାରି ରହେ ତେବେ ୨୦୩୦ ସୁଦ୍ଧା ଭାରତ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ବୋଲି ଆଶା କରାଯାଇପାରେ। କିନ୍ତୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଦେଶର ଅଭିବୃଦ୍ଧି ହାର ପ୍ରଭାବିତ ହେବ ଏବଂ ଏହା ପୂର୍ବାନୁମାନଠାରୁ ସାମାନ୍ୟ କମ ରହିବ ବୋଲି ଅନୁମାନ କରାଯାଉଛି। ତେଣୁ ଭାରତ ଶୀଘ୍ର ତୃତୀୟ ବୃହତ୍ତମ ଅର୍ଥନୀତି ହେବ ବୋଲି ଆଶା ନୈରାଶ୍ୟରେ ପରିଣତ ହୋଇପାରେ। ଏକଥା ସତ ଯେ ଖାଲି ତୃତୀୟ ବୃହତ୍ତମ ଅର୍ଥନୀତି ହେଲେ ହେବ ନାହିଁ, ଭାରତର ମୁଣ୍ଡ ପିଛା ଆୟ ମଧ୍ୟ ବୃଦ୍ଧି ପାଇବା ଜରୁରୀ। ଏକଥା ସତ୍ୟ ଯେ, ଭାରତରେ ମୁଣ୍ଡପିଛା ଆୟ ନିୟମିତ ଭାବେ ବଢୁଛି। କିନ୍ତୁ ଦେଶର ଜନସଂଖ୍ୟା ଏତେ ଅଧିକ ଯେ, ଅଭିବୃଦ୍ଧି ହାର ବଢ଼ିଲେ ମଧ୍ୟ ମୁଣ୍ଡପିଛା ଆୟ ବୃଦ୍ଧି ଖୁବ କମ ରହୁଛି। ଅର୍ଥନୈତିକ ସର୍ଭେ ରିପୋର୍ଯରେ ଦେଶରେ ନିଯୁକ୍ତି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହା ସହିତ ଭିତ୍ତିଭୂମି ବିକାଶ ଏବଂ କୃଷି ଉତ୍ପାଦନ ବୃଦ୍ଧି ଜରୁରୀ ବୋଲି ରିପୋର୍ଟରେ ଦର୍ଶାଯାଇଛି। ସ୍ୱାଧୀନତା ପରେ ଭାରତର ଖାଦ୍ୟ ଉତ୍ପାଦନ ଅନେକାଂଶରେ ବଢ଼ିଛି। କିନ୍ତୁ ସେହି ଅନୁପାତରେ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଏହା ସତ୍ତ୍ୱେ ଗହମ,ଚାଉଳ ଆଦି ଅନେକ ପ୍ରମୁଖ ଶସ୍ୟ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି। ଏଥିପାଇଁ ଆଉ ବିଦେଶ ଉପରେ ନିର୍ଭର କରିବାକୁ ପଡୁନି। କିନ୍ତୁ ଡାଲି ଜାତୀୟ ଫସଲ, ତୈଳବୀଜ ଉତ୍ପାଦନରେ ଭାରତ ଏବେ ବି ପଛରେ ପଡ଼ିଛି। ଏଥିପାଇଁ ବିଦେଶରୁ ପ୍ରଚୁର ପରିମାଣର ଡାଲି ଏବଂ ତେଲ ଆମଦାନୀ କରିବାକୁ ପଡୁଛି। ଏ କ୍ଷେତ୍ରରେ ଅଧିକ ପ୍ରୟାସ ଏବଂ ନିବେଶର ଆବଶ୍ୟକତା ରହିଛି। ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ସତ୍ତ୍ୱେ ଭାରତ ଏହାର ଦୃଢ଼ ମୁକାବିଲା କରିପାରିଛି ଏବଂ ଏଥିରେ ସଫଳତା ହାସଲ କରିଛି। ଏହାର କାରଣ ହେଲା ଖାଦ୍ୟ ଶସ୍ୟ ଉତ୍ପାଦନରେ ଆମେ ଅନେକାଂଶରେ ସ୍ୱାବଲମ୍ବୀ ହୋଇପାରିଛୁ ଏବଂ ଆମର ଆଭ୍ୟନ୍ତରୀଣ ବଜାର ବେଶ ବୃହତ ଏବଂ ସୁଦୃଢ଼। ୨୦୨୦ରୁ କୋଭିଡ ମହାମାରୀ ଏବଂ ପରେ ପରେ ତିନି ତିନିଟି ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦% ଟାରିଫ ଲାଗୁ କରିଛନ୍ତି। ଏହାର ବିଶେଷ ପ୍ରଭାବ ଭାରତ ଉପରେ ଏ ଯାବତ ପଡ଼ିନାହିଁ। ଟ୍ରମ୍ପଙ୍କ ଟାରିଫ ପ୍ରଭାବକୁ ପ୍ରତିହତ କରି ଭାରତ ଅଭିବୃଦ୍ଧି ହାରକୁ ୭ ପ୍ରତିଶତ ଉପରେ ବଜାୟ ରଖିପାରିଛି। ଏହା ଏକ ଉଲ୍ଲେଖନୀୟ ସଫଳତା। ଏଥର ଉତ୍ତମ ମୌସୁମୀ ପ୍ରବାହ ଯୋଗୁ ଖରିଫ ଫସଲ ଉତ୍ପାଦନ ବଢ଼ିଛି। ତେଣୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଭିତରେ ରହିଛି। କିନ୍ତୁ ପାଣିପାଗ ସବୁ ବେଳେ ସମାନ ନଥାଏ। ଆଗକୁ ପ୍ରତିକୂଳ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇପାରେ। ଏଥିପାଇଁ ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ ହେବା ଉଚିତ। ପ୍ରତିକୂଳ ପରିସ୍ଥିତି ସହ ଖାପ ଖୁଆଇ ଆମେ ଆଗକୁ ବଢ଼ିଲେ ହିଁ ପ୍ରକୃତ ବିକାଶ ସମ୍ଭବ ହୋଇପାରିବ। ପ୍ରତ୍ୟେକ କ୍ଷେତ୍ରରେ ଆମକୁ ସ୍ୱାବଲମ୍ବୀ ହେବାକୁ ପଡ଼ିବ। ଶିଳ୍ପ, କୃଷି, ପର୍ଯ୍ୟଟନ, ଭିତ୍ତିଭୂମି ବିକାଶ ହିଁ ଆମ ବିକାଶର ମୂଳଭିତ୍ତି ଏବଂ ଏହା ମାଧ୍ୟମରେ ନିଯୁକ୍ତି ସୁଯୋଗ ମଧ୍ୟ ବଢ଼ିବ। ଜିଏସଟି ସଂସ୍କାର ପରେ ଭାରତର ରାଜସ୍ୱ ସଂଗ୍ରହ ବଢ଼ିଛି। ଚଳିତ ବର୍ଷ ଆର୍ଥିକ ନିଅଣ୍ଟ ଜିଡିପିର ୪.୪ ପ୍ରତିଶତରେ ସୀମିତ ରହିବ ବୋଲି ଆଶା କରାଯାଉଛି। କିଛି ପ୍ରମୁଖ ରାଷ୍ଟ୍ର ସହ ଭାରତ ଇତିମଧ୍ୟରେ ନୂଆ ବାଣିଜ୍ୟ ଚୁକ୍ତି କରିଛି। ଏହା ଭାରତର ରପ୍ତାନୀ ବୃଦ୍ଧି ସହ ଫୋରେକ୍ସ ରିଜର୍ଭ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ସଂସାର ଥିବା ଯେତେ ଦିନ......

**॥ ଡ଼ଃ. ଦିଲ୍ଲୀପ କୁମାର ମହାରଣା ॥**

*"ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି।"*

ସଂସାର ଥିବା ଯେତେ ଦିନ.... ଆନନ୍ଦରେ କାଟୁଥିବା ଦିନ। ଏହା ତ ନିର୍ଘାତ ସତ କିନ୍ତୁ ସତ ପଛର ଆଉ ଏକ ଘଟଣା ବି ରହିଛି। ଅର୍ଥାତ୍ ଆନନ୍ଦ ବୋଇଲେ ଯେଉଁ ପ୍ରକାର ଆନନ୍ଦ ହୋଇପାରେ। କାହାକୁ ତଣ୍ଟିଆ ମାରି ହୋଇପାରେ, କାହାର ତଣ୍ଟି ଚିପି ହୋଇପାରେ, କାହାକୁ ଖାଲରେ ପକାଇ ହୋଇପାରେ, କାହା ବିରୁଦ୍ଧରେ ମିଛ ଦୁର୍ନାମ ଯୋଡ଼ି ବି ହୋଇପାରେ। ତେବେ ଆଜିର ସଂସାରକୁ ଦେଖିଲେ ଆପଣ ବିଚିତ୍ର ବିଚିତ୍ର ଲୋକ ସବୁ ଦେଖିବାକୁ ପାଇବେ। ଦୁନିଆରେ ଧର୍ମଡଙ୍ଗା ତ ପୁଣି ଚାଲୁଛି ନାଁ। ତାହାଲେ କ'ଣ ଭଲ ଲୋକଙ୍କର ସ୍ଥାନ ନାହିଁ ? ଆମେ ଏ ଘଟଣା ଅବତାରଣ କାହିଁକି କରୁଛୁ ତାହା ଟିକିଏ ଚୁମ୍ବକରେ ପାଠକବର୍ଗଙ୍କୁ ଜଣାଇବା ପାଇଁ ଚାହୁଁ। ଆମ ହାତ ପାହାନ୍ତାରେ ଏପରି ଫୋରଟ୍ୱିଣ୍ଟି ସବୁ ରହିଛନ୍ତି ସେମାନେ ମଣିଷକୁ କ'ଣ, ଆଇନର କାଠଗଡ଼ା ଠାରୁ ଏ ସରକାରଙ୍କୁ ବି ବିକିଦେବେ। ଦିନ ଅଧରେ ଭଦ୍ର ଧୋବାଧାରୀ ଲୋକ ବୋଲାଇ ଶୁଖୁଆ କଣ୍ଟା ଗେଞ୍ଜି ତୁମକୁ ଏପରି ଜଳକା ବନାଇ ଦେବେ ଯେ ତୁମେ କେତେ ପୁରୁଷ ପଛରେ ଛାଡ଼ିକି ଆସିଛ ନିହାତି ଖରାବେଳେ ଗଣୁଥିବ।

ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି। ଆଇନଟା ଜାତୀୟ ରାଜପଥ ଦେଇ ଯାଉଛି କି ଗ୍ରାମୀଣ ରାଜପଥ ଦେଇ ଯାଉଛି କି ବାଟ ଖରାପ ପଡ଼ିଛି ବୋଲି ଝୁଣ୍ଟି ପଡ଼ି ଯାଉଛି ତାହା ଜଣାପଡୁନାହିଁ। ଆମେ ଆଇନ ବ୍ୟବସ୍ଥାକୁ ଅତ୍ୟନ୍ତ ସମ୍ମାନ ଦେଉଛୁ। କାରଣ ଭାରତରେ ବିଧି ବ୍ୟବସ୍ଥା ସମ୍ବିଧାନ ଓ ଆଇନକୁ ନେଇ ଚାଲିଛି। ଏହି ଲେଖାଟି ଏହି ଲେଖକ ଲେଖିଲା ବେଳକୁ ରାଜ୍ୟର ଏକ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାରେ ଜଣେ ପୂର୍ବତନ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ କୋର୍ଟ ସମନ କରାଯାଇଛି। ତାହାହେଲେ କ'ଣ ଆମେ କାହି ପାରିବୁ ଆଇନର ଶାସନ ନାହିଁ ବୋଲି ? ଏହି ବ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ଜଣେ ଭଦ୍ରବ୍ୟକ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାରେ ଜାଣିବା ପାଇଁ ଚାହିଁଲେ କିନ୍ତୁ ତଥ୍ୟର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ହୁଏତ ଅଭିଯୋଗ ଉଠୁଥିବା ବାବୁ ଜଣଙ୍କ ଆରାମରେ ତାଙ୍କ ଚାକିରୀ ସମୟ ସାରି ପେନସନ ପାଇବା ପାଇଁ ବି ଯୋଗ୍ୟ ହୋଇଯିବେ।

ଭାରତର ଗଣତନ୍ତ୍ର ସମସ୍ତଙ୍କୁ ନେଇ, ସମସ୍ତଙ୍କ ପାଇଁ। ସମ୍ଭବତଃ ଏହି ସଗର୍ବ ଅଖଣ୍ଡ ଭାରତୀୟତା ଆମ ଜାତି ପ୍ରେମକୁ ଉଜ୍ଜୀବିତ କରେ। ତେବେ ବେଳେବେଳେ ସମ୍ବିଧାନ ସଙ୍କଟରେ ପଡ଼ିଯାଏ ବା କିଛି ଘଟଣା ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରେ। ଆଇନର ଶାସନ ବେଳେ ବେଳେ କିଭଳି କିଛି ମନମୁଖି ଓ ସ୍ୱାର୍ଥଲିପ୍ସୁମାନେ ମୋଡ଼ି ପାରନ୍ତି ଅନେକ ଉଦାହରଣ ରହିଛି। ଭାତ ହାଣ୍ଡିରୁ ଗୋଟିଏ ପରି ଓଡ଼ିଶା ସରକାରଙ୍କ ରାଜସ୍ୱ ପର୍ସଦ ଅଧୀନରେ ପରିସର-୧ରୁ ବଦଳି ହୋଇ ପରିସର-୩ରେ ଅବସ୍ଥାପିତ ହୋଇ ପୁନଶ୍ଚ ଓଡ଼ିଶା ରାଜସ୍ୱ ପର୍ସଦକୁ ଡେପୁଟେସନରେ ଆସି ବର୍ତ୍ତମାନ କାର୍ଯ୍ୟ କରୁଅଛନ୍ତି। ସେହି ମହୋଦୟ ସମୀପେଷୁଙ୍କ ନାମ ହେଉଛି ଚିନ୍ମୟ ପଣ୍ଡା। ସତକଥା ନାମଟି ଚିନ୍ମୟ ନା, ଏ ଯୁଗରେ ଚିନ୍ମୟ ଚିନ୍ତନର ଏ ଭଦ୍ର ବ୍ୟକ୍ତି ସତକଥା ନିହାତି କରିତକର୍ମା ହୋଇଥିବେ। ଯିଏ ବୃତ୍ତି ଆଉ ପ୍ରବୃତ୍ତି ଓ ପରିଶେଷର ହୁଏତ ନିଷ୍କୃତି ଯୋଗରୁ ଚିନ୍ତନର ଜଣେ ମସ୍ତବଡ଼ ଅନୁଭବୀ ହୋଇଥିବେ। ଏ ସମ୍ବନ୍ଧୀୟ ତଥ୍ୟ ରାଜସ୍ୱ ବିଭାଗର ସଚିବ, ନିର୍ଦ୍ଦେଶକ ଚକବନ୍ଦୀ ରାଜସ୍ୱ ପର୍ସଦ, ସଦସ୍ୟ ରାଜସ୍ୱ ପର୍ସଦ, ସଚିବ କେନ୍ଦ୍ରାଞ୍ଚଳ ରାଜସ୍ୱ ବିଭାଗ, ସଚିବ ଗୃହ ବିଭାଗ, ସଚିବ ଅର୍ଥ ବିଭାଗ, ସଚିବ ସାଧାରଣ ପ୍ରଶାସନ ବିଭାଗ ବାରମ୍ବାର ଅବଗତ କରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରେ ତାଙ୍କୁ ପୃଷ୍ଠପୋଷକତା କରୁଛନ୍ତି ରାଜସ୍ୱ ପର୍ସଦର ଅତିରିକ୍ତ ସଚିବ ଶ୍ରୀମତୀ ସିଓନା ମିଶ୍ର ଏବଂ ଉପବିଭାଗ ଅଧିକାରୀ ଭାଗ୍ୟଧର ସାହୁ। ଓଡ଼ିଆରେ ଏକ କଥା ଅଛି 'ତୁ ଗୁହାରୀ ଯାହାକୁ ମୁଁ.....' ଅର୍ଥାତ୍ ଅଭିଯୋଗ କରିବ ତ ? କାହା ପାଖକୁ ଯିବ ? କେତେ ଦମ ନେଇ କେତେ ବାଟ ଯାଇପାରିବ ? ଆଉ ଆମେ ଏ ରାସ୍ତାରେ ଯିଏ ଅଛୁ ଆମେ କ'ଣ ଚୁଡ଼ି ପିନ୍ଧି ମଠ ଡାଲମା ଖାଇ ଝାଞ୍ଜ ବାଡ଼ଉଛୁ। ଏପରି ଆଇନକୁ ମୋଡି ମକଚି ନିଜ ପକେଟରେ ନିୟମକୁ ରଖିପାରୁଥିବାର ଦୁଃସାହାସ ରଖୁଥିବା ବ୍ୟକ୍ତି ହେଉଛନ୍ତି ଚିନ୍ମୟ ପଣ୍ଡା। ଏହି ଚିନ୍ମୟ ପଣ୍ଡା ବ୍ୟକ୍ତିଙ୍କର ସାତଖୁରାକୁ ସତ କଥା ଜୁହାର। ସରକାରଙ୍କ ରାଜସ୍ୱ ବିଭାଗ ୫-ଟି ଅଧୀନରେ ଆସୁଛି। ୫-ଟିର ମୁଖିଆ ରାଜ୍ୟ ସାରା ବୁଲି ପ୍ରଜା ଶାସନ କରି ନିର୍ମଳ ଶାସନ ଓ ସରକାରଙ୍କ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥାର ନାରା ଲୋକଙ୍କୁ ଦେଉଛନ୍ତି ଆଉ ଶିଖାଉଛନ୍ତି। ତାହାହେଲେ ଚିନ୍ମୟ ପଣ୍ଡା ଏହି ୫-ଟି ବିଭାଗର ଜଣେ ଅତ୍ୟନ୍ତ ଗୁଣଗ୍ୟ ଛାତ୍ରଭାବେ ବିବେଚନା କରାଯିବ। ଏମାନେ ସବୁ ଟପ୍ପର ଲିଷ୍ଟରେ ଯିବେ। ଏହି ପରି ଦୁଇ ଚାରିଟି ଗାତୁଆ ମୂଷା ଯଦି ରାଜସ୍ୱ ବିଭାଗରେ ରହିଯିବେ ତାହାହେଲେ କେତେ ବେଳେ ଏ ବିଭାଗ କ'ଣ ଏ ରାଇଜ ବି ଗୋଲ ହୋଇଯିବ। ବର୍ତ୍ତମାନର ସୂଚନା ପ୍ରଯୁକ୍ତିର ଯୁଗ ଆଶ୍ଚର୍ଯ୍ୟର କଥା ସକ୍ରିୟତା ପ୍ରତି ମୁହୂର୍ତ୍ତରେ ସତ୍ୟକୁ ଲୋକ ଲୋଚନକୁ ନେଇ ଆସୁଛି। ଲୋକମାନେ ଆଉ ଅନ୍ଧାରରେ ରହିବାର ସମୟ ବି ନାହିଁ। ତଥାପି ବନ ଆଶ୍ଚର୍ଯ୍ୟ କଥା ଏ ବାବୁ ନିଜ ପଦ ପଦବୀ କର୍ମକ୍ଷେତ୍ରକୁ ନେଇ ନିଧଡ଼କରେ ବସୁଛନ୍ତି ତେଣୁ ଏହିପରି ଗାତୁଆ ମୂଷାକୁ ବଡ଼ ବଡ଼ ମୂଷାସବୁ ଦାନା ଆଉ ପାଣି ଦେଉଥିବେ।

ଯନ୍ତା ଏଠି ଆଣି କିଏ ବସାଇବ। ଢ଼ୋଲ ଭିତରେ ମୂଷା ପରି ସରକାରଙ୍କ ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗର ଏପରି କରିତକର୍ମା ମୂଷା ମାନଙ୍କୁ ଗତ ଗଣେଶ ପୂଜାରେ ନିଶ୍ଚିନ୍ତ କିଏ ପୂଜା କରିଥିବେ ଯେ ? ଶାସନ ବ୍ୟବସ୍ଥାର ଦ୍ୱାହି ଭିତରେ ଅନେକ ମେଧାବୀ ଚାକିରୀ ଖଣ୍ଡେ ପାଉନାହାଁନ୍ତି, ଅନେକଙ୍କ ଘର କର୍ମ ସଂସ୍ଥାନ ଅଭାବରୁ ଛିନଛତର ହୋଇଯାଉଛି। କିନ୍ତୁ ଆଇନକୁ ହାତକୁ ନେଇ, ଆଇନକୁ ମୋଡ଼ି ସମସ୍ତଙ୍କୁ ହାତରେ ରଖି ଆଇନର ଧଜିଆ ଉଡାଉଥିବା ଲୋକମାନଙ୍କ ପାଇଁ ଆଇନର ବାଟ ଟା କ'ଣ ତାହାକୁ ଅପେକ୍ଷା କରାଯାଉଛି। ଯଦିଓ ବର୍ତ୍ତମାନ ଦେଖାଯାଉଛି ହାତୀ ଗଳି ଯାଉଛି କିନ୍ତୁ ପିମ୍ପୁଡ଼ି ପାଇଁ ବାଟ ବନ୍ଦ। କୋଟି କୋଟି ଟଙ୍କା ହରିଲୁଟ କରି ବିଦେଶରେ କିଛି ଧର୍ଣ୍ଣାଢ଼୍ୟ ମୌଜ ମଜଲିସ କରୁଛନ୍ତି କିନ୍ତୁ ଟଙ୍କା ଦଶଟା ପାଇଁ ଏଠି ଜଣେ ଦାଦନ ପାଲଟୁଛି ଆଉ ତା ପିଲାଛୁଆଙ୍କୁ ବନ୍ଧା ପକାଉଛି। ଏହି ଭୋକର ଭୂଗୋଳ ଓଡ଼ିଶାରେ। ତେଣୁ ସରକାରୀ ବ୍ୟବସ୍ଥାରେ ତଥ୍ୟ ସୂଚନା ଅଧିକାର ବଳରେ ସମସ୍ତଙ୍କୁ ଆଇନର ବ୍ୟବସ୍ଥାକୁ ସାର୍ବଜନୀନ କରାଯାଇ ସମସ୍ତଙ୍କ ପାଇଁ ଆଇନର ବାଟ ଯେ ଗୋଟିଏ ସମ୍ବିଧାନର ଏହି ମୂଲ୍ୟବାନ ସୁରକ୍ଷିତ ବାଣୀକୁ ସମସ୍ତଙ୍କୁ ଆଲୋକର ରାସ୍ତା ଦେଖାଇବାର କାର୍ଯ୍ୟ ହେଉଛି ଗଣତନ୍ତ୍ରର ଅର୍ଥାତ୍ ଆମ ଗଣତନ୍ତ୍ରର ଧ୍ୱଜାଧାରୀ ମାନଙ୍କର!!

ଶିଖରପୁର ଉପରସାହି, କଟକ,

# ଡ଼େଙ୍ଗୁ ଓ ଯକୃତ ସଂକ୍ରମଣ

**॥ ଉମେଶ ଚନ୍ଦ୍ର ପାତ୍ର ॥**

ହାଡ଼ଭଙ୍ଗା (ବ୍ରେକ ବୋନ ଫିଭର୍) ବା ଡେଙ୍ଗୁଜ୍ୱର ସାଧାରଣତଃ ଗ୍ରୀଷ୍ମମଣ୍ଡଳ ବା କ୍ରାନ୍ତି ବଳୟରେ ଦେଖାଯାଇଥାଏ। ପ୍ରତିବର୍ଷ ପାଞ୍ଚଶହ ଲକ୍ଷ ଲୋକ ଡେଙ୍ଗୁଜ୍ୱରରେ ଆକ୍ରାନ୍ତ ହେଉଛନ୍ତି ଓ ପାଞ୍ଚଲକ୍ଷ ଲୋକ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି। ସମଗ୍ର ଦକ୍ଷିଣ ଏସିଆ, ଆଫ୍ରିକା ଓ ଆମେରିକାରେ ଏହି ରୋଗର ପ୍ରାର୍ଦୁଭାବ ଦେଖାଯାଏ। ପୁଣି ସେହି ଦେଶକୁ ଯେଉଁମାନେ ବୁଲିବାକୁ ଯାଆନ୍ତି ସେମାନେ ମଧ ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁଯାୟୀ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତି ବର୍ଷ ବଢ଼ିବାରେ ଲାଗିଛି। ୧୯୯୦ରୁ ୧୯୯୯ ମଧ୍ୟରେ ପ୍ରତିବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪.୭ଲକ୍ଷ ଥିଲାବେଳେ ୨୦୦୦ରୁ ୨୦୦୫ ମଧ୍ୟରେ ଏହି ସଂଖ୍ୟା ପ୍ରାୟ ଦୁଇଗୁଣ ବଢ଼ି ୯.୨ ଲକ୍ଷ ହୋଇଛି। ଏହି ଜ୍ୱର ଏଡ଼ିସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ମ୍ୟାଲେରିଆ ଓ ଡେଙ୍ଗୁ ଉଭୟେ ମଶା ଦ୍ୱାରା ସଂକ୍ରମିତ ହୁଏ। ଏହି ଜ୍ୱର ଫ୍ଲେଭିଭାଇରସ୍ ଭୂତାଣୁ ଦ୍ୱାରା ହୋଇଥାଏ । ଏହା ଏକ ଆରଏନ୍ଏ ଭୂତାଣୁ ଓ ଏହାର ଜିନୋମ୍ ଏକଧାରାବାହୀ। ସମ୍ପ୍ରତି ଡେଙ୍ଗୁର ଭୟାବହତା ରାଜ୍ୟର କେତେକ ସ୍ଥାନରେ ଦେଖାଯାଇଛି। ଏହି ଭୂତାଣୁକୁ ବହନ କରୁଥିବା ମଶା ହେଉଛି ଏଡ଼ିସ୍ ଇଜିପ୍ଟି ଏବଂ ଏଡ଼ିସ୍ ଆଲ୍‌ବୋପିକ୍ଟସ୍ । ଦେଖିବାକୁ କଳା ରଙ୍ଗର ଏବଂ ସେମାନଙ୍କ ଉପରେ ଧଳା ଦାଗ ଥିବାରୁ ଏହି ମଶାକୁ ବାଘୁଆ ମଶା କୁହାଯାଏ । ଏହି ମଶାମାନେ ବିଶେଷକରି ସନ୍ତସନ୍ତିଆ ଜାଗା, ପାଣି ଜମା ହୋଇଥିବା ସ୍ଥାନ ଏବଂ ଆବର୍ଜନା ଜମି ଥିବା ସ୍ଥାନରେ ବଂଶ ବୃଦ୍ଧି କରିଥାନ୍ତି । ଦେଖାଯାଇଥାଏ ଏହି ମଶା କାମୁଡ଼ିବାର ପାଞ୍ଚଛଅ ଦିନ ପରେ ଡ଼େଙ୍ଗୁର ଲକ୍ଷଣ ଦେଖାଯାଇଥାଏ । ଏହି ଭୂତାଣୁ ଶରୀରରେ ଚାରିରୁ ଦଶଦିନ ପର୍ଯ୍ୟନ୍ତ ରହିଥାଏ । ଡ଼େଙ୍ଗୁ ଭୂତାଣୁ ଶରୀରର ବିଭିନ୍ନ ଅଙ୍ଗକୁ ଅଚଳ କରିଥାଏ । ଡେଙ୍ଗୁ ଯୋଗୁଁ ରକ୍ତଚାପ କମିଯାଏ, ଶରୀରରେ ପ୍ଲାଟିଲେଟ ହ୍ରାସ ପାଇଥାଏ । ଡେଙ୍ଗୁ ଭୂତାଣୁ ଜଣ୍ଡିସ୍‌ରୋଗ ସୃଷ୍ଟି କରିବାର ସମ୍ଭାବନା ବି ରହିଛି। ଏହା ଯକୃତ, ବୃକକ୍, ଓ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ । କେବଳ ସେତିକି ନୁହେଁ ଡେଙ୍ଗୁ ଯୋଗୁଁ ମଲ୍ଟି ଅର୍ଗାନ ଫେଲୁଅର ହେବାର ସମ୍ଭାବନା ବି ରହିଛି। ଡେଙ୍ଗୁ ଭୂତାଣୁ ଯକୃତ ଉପରେ ବିଶେଷ ପ୍ରଭାବ ପକାଇଥାଏ। ଯକୃତର ଏନ୍‌ଜାଇମ ଗୁଡ଼ିକ ବଢ଼ିଯାଏ। ଜଣ୍ଡିସ୍ ଦେଖାଦିଏ ଓ ଜଣ୍ଡିସ୍ ବଢ଼ିଗଲେ ଯକୃତ ପୁରାପୁରି ଅକାମି ହୋଇଯାଏ। ଏହାକୁ ଏକ୍ୟୁଟ୍ ଲିଭର ଫେଲୁଅର କୁହନ୍ତି। ଏହି ଜ୍ୱରର ଯନ୍ତ୍ରଣା ଦାୟକ ଅବଧି ତିନିଦିନରୁ ଦୁଇସପ୍ତାହ ରହିଥାଏ । କିନ୍ତୁ ବିଶେଷକରି ପାଞ୍ଚଛଅ ଦିନ ପ୍ରାରମ୍ଭିକ ଅବସ୍ଥାରେ ମାଂସପେଷୀ ଓ ଗଣ୍ଠି ବ୍ୟଥା ହୋଇ ଯନ୍ତ୍ରଣାଦାୟକ ହୁଏ। ରୋଗୀର ମୁଣ୍ଡବିନ୍ଧା ଓ ଆଖିର ପଛପଟ ବିନ୍ଧା ହେବା ସହ ଖାଇବା ପ୍ରତି ଆଗ୍ରହ କମିଯାଏ । ଖାଦ୍ୟର ସ୍ୱାଦ ରୋଗୀଟି ଜାଣିବାକୁ ସମର୍ଥ ହୋଇନଥାଏ । କେତେକ ରୋଗୀଙ୍କ କ୍ଷେତ୍ରରେ ମୁହଁ ଲାଲ ଦିଶିଥାଏ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜ୍ୱର ହେବାର ଦିନେ ଦୁଇଦିନ ଭିତରେ ଶରୀରର ବିଭିନ୍ନ ଅଂଶରେ ଲାଲି ରଙ୍ଗର ମିଳିମିଳା ଭଳି ଚାରିଆଡ଼େ ଫଳି ଯାଏ । ରୋଗୀଟିକୁ ଜ୍ୱର ପ୍ରାୟତଃ ଲାଗି ରହିଥାଏ । ନାକରୁ ପାଣି ବୋହିବା ସହ ଖାଦ୍ୟନଳୀରେ ଯନ୍ତ୍ରଣା ଦେଖାଯାଏ ଏବଂ ବେଳେବେଳେ ପତଳା ଝାଡ଼ା ମଧ ହୋଇଥାଏ । ଦେହରୁ ଯଥେଷ୍ଟ ପରିମାଣରେ ଝାଳ ବୋହିବା ଦ୍ୱାରା ରୋଗୀ ଜଣଙ୍କ ଅତ୍ୟନ୍ତ ଦୁର୍ବଳ ଅନୁଭବ କରିଥାନ୍ତି । ଏହି ସମ୍ବେଦନଶୀଳ ରୋଗ ହୋଇଥିଲେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଜରୁରୀ । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଡେଙ୍ଗୁର ପାର୍ଦୁଭାବକୁ ଚାରିଟି କ୍ରମରେ ବିଭକ୍ତ କରିଛନ୍ତି । ଏହି କ୍ରମ ଗୁଡ଼ିକ ହେଲା – ଜ୍ୱର ସହିତ କିଛି କ୍ଷେତ୍ରରେ ବାନ୍ତି ହେବା ସହ ନିଦ୍ରା ହୋଇନଥାଏ । ରୋଗୀଟି ପ୍ରାୟତଃ ଅସ୍ଥିର ରହି ଦୀର୍ଘ ସମୟ ଧରି କାନ୍ଦି ଥାଏ । ନିଶ୍ୱାସ ନେବାରେ କଷ୍ଟ ହେବା ସହ ଦ୍ୱିତୀୟ କ୍ରମରେ ଶରୀରର ନାକ, ପାଟି, ଦାନ୍ତମାଢ଼ିରୁ ରକ୍ତସ୍ରାବ ହୋଇଥାଏ । ତୃତୀୟ କ୍ରମରେ ରକ୍ତଚାପ କମିଯିବା ସହ ନାଡ଼ିର ଗତି ଦୁର୍ବଳ ହୋଇଥାଏ । ଚତୁର୍ଥ କ୍ରମରେ ନାଡ଼ିର ସ୍ପନ୍ଦନ ଜଣା ନପଡ଼ିଲେ ଏବଂ ରକ୍ତଚାପ କମିଗଲେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଭୟ ବି ରହିଥାଏ । ଏହାକୁ ଯଥାକ୍ରମେ ଡେଙ୍ଗୁ ଜ୍ୱର ଓ ଡେଙ୍ଗୁ ରକ୍ତଜ୍ୱର ଓ ଡେଙ୍ଗୁ ସକ୍‌ସିଣ୍ଡ୍ରୋମ କୁହାଯାଏ। ଲିଭର ସଂକ୍ରମଣ ସାଧାରଣତଃ ମହିଳା ଓ ଶିଶୁମାନଙ୍କ ଠାରେ ବିଶେଷ ଭାବେ ଦେଖାଦିଏ ଏବଂ ଏମାନଙ୍କ କ୍ଷେତ୍ରରେ ଡେଙ୍ଗୁର ପ୍ରାର୍ଦୁଭାବ ବେଶୀ। ଡାଇବେଟିସ୍, ଆଜ୍‌ମା, କ୍ରୋନିକ୍ ଲିଭର ଡିଜିସ୍ ଓ ଅନ୍ୟାନ୍ୟ ରୋଗୀଙ୍କୁ ଡେଙ୍ଗୁ ହେଲେ ଡେଙ୍ଗୁର ପ୍ରାର୍ଦୁଭାବ ବିଶେଷ ଭାବେ ଉପଲବ୍ଧି ହୁଏ। ଯକୃତ ଆକ୍ରାନ୍ତ ହେଲେ ପେଟ ବ୍ୟଥା ହୁଏ, ଭୋକ କମିଯାଏ, ବାନ୍ତି ହୁଏ, ପେଟରେ ଓ ଛାତିରେ ପାଣି ଜମିଯାଏ। ଯକୃତ ଫୁଲିଯାଏ ଓ ବେଳେ ବେଳେ ବ୍ରେନ୍ ଓ ହୃତ୍‌ପିଣ୍ଡ ମଧ ଆକ୍ରାନ୍ତ ହୁଏ। ଏହି ଭୂତାଣୁ ସିଧାସଳଖ ଲିଭରକୁ ଆକ୍ରମଣ କରନ୍ତି। ବେଳେ ବେଳେ ରୋଗପ୍ରତିରୋଧକ ଶକ୍ତିର ପରିବର୍ତ୍ତନ ଯୋଗୁଁ ମଧ ଲିଭର କୋଷ ଆକ୍ରାନ୍ତ ହୁଏ। ଦେହରେ ଆଲବୁମିନ୍ କମିଯାଏ ଓ ଦେହ ହାତ ଫୁଲିଯାଏ। ରକ୍ତଜମାଟ ବାନ୍ଧିବା ପଦ୍ଧତି ବା ସ୍ପନ୍ଦନରେ ମଧ ତ୍ରୁଟି ଦେଖାଦିଏ। ଯକୃତ ଖରାପ ହେବା ଯୋଗୁଁ ଶରୀରରେ ସ୍ପନ୍ଦନ ଉପାଦାନ କମିଯାଏ ଓ ରକ୍ତ ଜମାଟ ବାନ୍ଧି ନପାରି ବିଭିନ୍ନ ଅଂଶରେ ବ୍ଲିଡିଂ ବା ରକ୍ତସ୍ରାବ ହୁଏ।

ଯଦିଓ ଏହା ଏକ ଭୟାବହ ରୋଗ କିନ୍ତୁ ଅଧିକାଂଶ କ୍ଷେତ୍ରରେ ରୋଗୀମାନେ ଆରୋଗ୍ୟ ଲାଭ କରନ୍ତି। ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସା କରାଯାଏ। ଶରୀରରେ ପ୍ଲାଟିଲେଟ ଓ ସ୍ପନ୍ଦନ ଉପାଦାନ କମିଗଲେ ରୋଗୀକୁ ପ୍ଲାଟିଲେଟ ଦିଆଯାଏ। ବେଳେ ବେଳେ ଆଲବୁମିନ୍ ମଧ ଦେବାକୁ ପଡ଼େ। ଜଣ୍ଡିସ୍ ରୋଗର ଚିକିତ୍ସା ମଧ କରିବାକୁ ପଡ଼ିଥାଏ। ବାନ୍ତି, ଜ୍ୱର ଓ ଡିହାଇଡ୍ରେସନ୍ ହେଲେ ତଦନୁଯାୟୀ ଚିକିତ୍ସା କରିବାକୁ ପଡ଼େ। ବେଳେ ବେଳେ ଗୁରୁତର ରୋଗୀଙ୍କୁ ଆଇସିୟୁରେ ମଧ ରଖାଯାଏ। ଯକୃତ ଅକାମି ହେଲେ ଭେଣ୍ଟିଲେସନ୍‌ର ମଧ ଆବଶ୍ୟକତା ରହିଛି। ଡେଙ୍ଗୁ ଆକ୍ରାନ୍ତ ହେଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ବିଶେଷ ଭାବରେ ଭୟଭୀତ ନହୋଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ହସ୍‌ପିଟାଲରେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଘର ପରିବେଶରେ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରନ୍ତୁ । ଦୀର୍ଘ ଦିନ ଧରି ଜମି ରହିଥିବା ଜଳୀୟଆବର୍ଜନାର ନିଷ୍କାସନ ବ୍ୟବସ୍ଥା କରନ୍ତୁ । ମଶା ମାରିବା ପାଇଁ ତୁରନ୍ତ ସ୍ପ୍ରେ ବ୍ୟବସ୍ଥା ଏବଂ ସନ୍ଧ୍ୟାରେ ମଶା ଧୂଆଁ ଦିଅନ୍ତୁ । ପରିବାରରେ ସମସ୍ତେ ମଶାରୀ ଟାଙ୍ଗି ଶୋଇବା ଖୁବ୍ ଭଲ । ଘରେ ଥିବା ଛୋଟ ପିଲାମାନଙ୍କୁ ଫୁଲ୍ ହାତ ଓ ଫୁଲ୍ ଗୋଡ଼ ପର୍ଯ୍ୟନ୍ତ ଲମ୍ବା ପ୍ୟାଣ୍ଟ ସାର୍ଟ ପିନ୍ଧାନ୍ତୁ । ଧୂଳି, ଧୂଆଁ ଓ ଆବର୍ଜନା ଠାରୁ ରୋଗୀଟିକୁ ଦୂରେଇ ରଖନ୍ତୁ । ଗରମ ଖାଦ୍ୟ ଖାଇବାକୁ ଦେବା ସହ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଯଥେଷ୍ଟ ପରିମାଣରେ ରୋଗୀଟିକୁ ପିଇବା ପାଣି ଦିଅନ୍ତୁ । ତାଙ୍କର ପିନ୍ଧିବା ଲୁଗାପଟା ଠାରୁ ସେ ବିଶ୍ରାମ ନେଉଥିବା ବିଛଣା ପତ୍ର ମଧ ଭଲଭାବରେ ସଫାସୁତୁରା ହୋଇ ଖରାରେ ଶୁଖାଇବା ଜରୁରୀ । ଗାଧୋଇବା ସମୟରେ ପରିଷ୍କାର ପରିଚ୍ଛନ୍ନ କରି ବିଶୋଧିତ ଜଳରେ ପିଲାଟିକୁ ସ୍ନାନ କରାନ୍ତୁ । ରୋଗୀଟିକୁ ଭଲ ଭାବରେ ଯେପରି ନିଦ ହୁଏ ସେଥିପ୍ରତି ଯତ୍ନବାନ ହୁଅନ୍ତୁ । ପରିବେଶର ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନ ଉପରେ ଡେଙ୍ଗୁର ନିରାକରଣ ନିର୍ଭର କରେ। ଡ୍ରେନ୍ ମାନଙ୍କରେ ମଶାମରା ଔଷଧ ଓ ମଶା ଧୂଆଁ ଦେବାର ବନ୍ଦୋବସ୍ତ ହେଲେ ଭଲ। ଶିଳ୍ପାଞ୍ଚଳ ଓ ଖଣିଖାଦାନରେ ପାଣି ନ ଜମିବା ଓ ବୃକ୍ଷରୋପଣ ଇତ୍ୟାଦିର ବନ୍ଦୋବସ୍ତ କଲେ ମଶାମାନେ ବଢ଼ିପାରିବେ ନାହିଁ। ସ୍ୱଚ୍ଛ ଭାରତ ଯୋଜନାର ଉପଯୁକ୍ତ ରୂପାୟନରେ ଡେଙ୍ଗୁର ନିରାକରଣ ହୋଇପାରିବ। ଡେଙ୍ଗୁ ପାଇଁ ସମ୍ପ୍ରତି ସରକାର ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଜିଲ୍ଲାସ୍ତରୀୟ ହସ୍‌ପିଟାଲ ଏବଂ ବଡ଼ ମେଡ଼ିକାଲ ସବୁଠି ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି। ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବା ପାଇଁ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତରଖାନା ପରିଦର୍ଶନ କରି ସମସ୍ତ ପ୍ରକାର ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ବିଭିନ୍ନ ସଚେତନଧର୍ମୀ ସୂଚନା ପ୍ରଦାନ ସହ ଡ୍ରେନ୍‌ରେ ମଶା ତେଲ ଓ ସନ୍ଧ୍ୟାବେଳେ ମଶାଧୂଆଁର ବ୍ୟବସ୍ଥା କରାଯାଇଛି

ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

# 'ମା'ର ଏକ ବିଶ୍ଳେଷଣ

**॥ ଅନୀତା ପଟ୍ଟନାୟକ ॥**

ଢ଼ିଙ୍କିଶାଳରୁ ଢ଼େଙ୍କାନାଳ ନାମକ ଏକ ସଂସ୍ଥା ଥରେ ସାଧୁସନ୍ଥ ମାନଙ୍କର ଏକ ସମ୍ମିଳନୀ ଡାକିଲେ। ପରେ ପରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନାରୀମାନେ ପୁରୁଷପରି ବ୍ୟବହାର କରିବା, ବ୍ୟଭିଚାର ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ, ଘୃଣାଭାବ ଏହି ସଂସ୍ଥାଟିକୁ ବ୍ୟଥିତ କରୁଥିବାରୁ ସେମାନେ ସାଧୁସନ୍ଥଙ୍କର ସମ୍ମିଳନୀ ଡାକିବା ପାଇଁ ସ୍ଥିର କଲେ। ଭବ୍ୟସଭାର ଆୟୋଜନ କରାଗଲା ସହରର ମାନଗଣ୍ୟ ବ୍ୟକ୍ତି, ସ୍ତ୍ରୀ ପୁରୁଷ ଉଭୟେ ଏ ସଭାରେ ଯୋଗ ଦେଇଥିଲେ। ପ୍ରଥମ ଦିନର ବ୍ୟକ୍ତା ଥିଲେ ସ୍ୱାମୀ ପ୍ରେମାନନ୍ଦ। ସେ କହିଲେ ପୃଥିବୀରେ ମାର ପ୍ରେମ ଠାରୁ ଆଉ କିଛି ବଡ଼ ନୁହେଁ। ପ୍ରେମରୁ ଜ୍ଞାନ ଜାଗ୍ରତ ହୁଏ। ପ୍ରକୃତ ଜ୍ଞାନରୁ ଧର୍ମ ଭାବ ଆସେ। ତାହା ହିଁ ମନୁଷ୍ୟର ପ୍ରକୃତ ସମ୍ପତ୍ତି। ପ୍ରେମ ଦ୍ୱାରା ମନୁଷ୍ୟ ସତ୍ୟକୁ ଉପଲବ୍ଧି କରିଥାଏ। ମଣିଷ କିଛି ତା ଜୀବନରେ ଅନେକ କିଛି ସୁଖ ମାଆ ଦ୍ୱାରା ପାଇଥାଏ। ସନ୍ନ୍ୟାସୀ ବ୍ରହ୍ମାନନ୍ଦ କହିଲେ 'ରାମ କୌଶଲ୍ୟାଙ୍କ ପରି ମାଙ୍କ ଯୋଗୁଁ ଦିବ୍ୟତ୍ୱ ହାସଲ କରିଥିଲେ। ଲବକୁଶ ସୀତା ଦେବୀଙ୍କ ଯୋଗୁ ବୀର ହୋଇପାରିଥିଲେ। ମା ଜୀବନ ସାରା ପିଲାମାନଙ୍କର ମଙ୍ଗଳ କାମନା କରିଥାଏ। ତେଣୁ ପ୍ରତ୍ୟେକ ପିଲା ମାକୁ ଭଲପାଇବା ଉଚିତ।'

ସ୍ୱାମୀ ସୁଧାନନ୍ଦ କହିଲେ ପୃଥିବୀରେ ମହାନ ପୁରୁଷମାନେ ମାଙ୍କର ଆଶୀର୍ବାଦ ଯୋଗୁ ମହାନ କାର୍ଯ୍ୟ କରିଛନ୍ତି। ମା ଗୌରୀଙ୍କର ଆଶୀର୍ବାଦ ନେଇ କାର୍ତ୍ତିକେୟ ତାରକାସୁର ପରି ଅସୁର ସହିତ ଯୁଦ୍ଧକରି ବିଜୟ ଲାଭ କରିଥିଲେ। ପରଶୁରାମ ଶତ୍ରୁ ମାନଙ୍କ ସହ ଯୁଦ୍ଧ କରିବା ପୂର୍ବରୁ ମାଆଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ବିନୀତା ତାଙ୍କ ପୁତ୍ର ଗରୁଡ଼କୁ ଆଶୀର୍ବାଦ କରିଥିଲେ। ସବୁ ମା ମାନେ ଆଶୀର୍ବାଦ ଦେବା ପୂର୍ବରୁ କହିଥାନ୍ତି ଶ୍ରୀରାମ ରକ୍ଷ। ଗାନ୍ଧାରୀ ଜାଣିଥିଲେ ତାଙ୍କର ପୁତ୍ର ଦୁର୍ଯ୍ୟୋଧନ ଧର୍ମ ମାର୍ଗରେ ରହି ନଥିଲା ଯୋଗୁଁ ବିଜୟ ଲାଭ କରିପାରିବ ନାହିଁ ତେଣୁ ସେ ଆଶୀର୍ବାଦ ସୂଚକ ଭାଷା ବ୍ୟବହାର କରି କହିଥିଲେ 'ଅକ୍ଷୟ ହେଉ ପୂଣ୍ୟ ଜଗତେ ଧର୍ମର ହେଉ ଜୟ'।

ଏଥର ନିଶ୍ଚଳାନନ୍ଦ କହିଲେ ଶଙ୍କରାଚାର୍ଯ୍ୟ ହୃଦୟଙ୍ଗମ କରିଥିଲେ ଯେଉଁ ପୁତ୍ର ମାର ସ୍ନେହ ପାଇ ଜୀବନର ଲକ୍ଷ୍ୟର ପ୍ରକୃତ କାର୍ଯ୍ୟରେ କୃତକାର୍ଯ୍ୟ ହେବ ସେ ପାପତାପ ଗ୍ରସ୍ତ ସଂସାରରୁ ମୁକ୍ତି ପାଇ ପୁନର୍ଜନ୍ମରୁ ମୁକ୍ତ ହେବ। ତେଣୁ ମାତୃଭକ୍ତି ପାଇଁ ହୃଦୟରେ ସ୍ଥାନ ରହିବା ଉଚିତ। କୀର୍ତ୍ତିନନ୍ଦ ଯେ କି ଶ୍ରୀରାମଙ୍କ ଭକ୍ତ ଥିଲେ ସେ କହିଲେ 'ରାମଙ୍କ ଆଡ଼କୁ ବାଣ ଉଠାଇବା ପୂର୍ବରୁ ଲବକୁଶ ପ୍ରାର୍ଥନା କରିଥିଲେ ତାଙ୍କର ମା ଯଦି ସାଧ୍ୱୀ ହୋଇଥିବେ ତେବେ ବୀରପୁରୁଷ ଅଚେତ ହୋଇଯିବେ ଏବଂ ତାହା ହିଁ ହୋଇଥିଲା। ଲବକୁଶ ବାଣ ନିକ୍ଷେପ କରିବା କ୍ଷଣି ଶ୍ରୀରାମ ଅଚେତ ହୋଇ ପଡ଼ିଥିଲେ। ଏଥିରୁ ମାକୁ ସ୍ମରଣ କରିବାର ଶକ୍ତି କେତେ ତାହା ଅନୁମେୟ। ଏଥର ଜ୍ଞାନାନନ୍ଦ କହିଲେ 'ପୂର୍ବରୁ ମାତା ମତାକି ତାଙ୍କର ସନ୍ତାନ ଧର୍ମମାର୍ଗରେ ପରିଚାଳିତ ହେଲେ ଖୁସି ହେଉଥିଲେ। କାରଣ ସେମାନଙ୍କର ସନ୍ତାନମାନେ ଭଗବାନଙ୍କ ପ୍ରତି ଅନୁଗତ ହୋଇ ଭଲ ମଣିଷ ହୋଇପାରିବେ ବୋଲି ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ ସେପରି ଦେଖାଯାଉନାହିଁ। ପୂର୍ବରୁ ମା ମାନେ ପିଲାମାନଙ୍କୁ ଠିକ ରାସ୍ତାରେ ଚାଲିବାର ଉପଦେଶ ଦେଉଥିଲେ। ଏଥର ସନ୍ଥ ପଦ୍ମପାଦଙ୍କ ପାଳି ପଡ଼ିଲା। ସେ କହିଲେ ଆର୍ଯ୍ୟାମା ଶଙ୍କରଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମାର ଆଶୀର୍ବାଦ ଫଳରେ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ ହୋଇପାରିବ। ଶଙ୍କରାଚାର୍ଯ୍ୟ ଦେବୀଙ୍କ କୃପାରୁ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ କରିପାରିଥିଲେ। ସାଧ୍ୱୀ ରତଚାରା କହିଲେ ମାର ପ୍ରେମ ଗୋଟିଏ ସାଧାରଣ ଘରକୁ ଗୃହରେ ପରିଣତ କରେ। ଆମେ ଯେଉଁଠାରେ ବୁଲୁ ନା କାହିଁକି ଆମର ପରିଚୟ ଯାହା ହେଉନା କାହିଁକି ମା ଯୋଗୁ ତିଆରି ହୋଇଥିବା ଗୃହଟି ସଦା ସ୍ମରଣୀୟ ହୋଇରହେ। ମାର ଧୈର୍ଯ୍ୟ ପିଲାଟିକୁ ଠିକ ଭାବରେ ଗଢ଼ି ତୋଳେ। ତାର ହସ ହସ ମୁହଁ ଓ ସାହାସିକତା ଏକ ଅନ୍ଧକାର ଦିନକୁ ଆଲୋକରେ ଭରିଦିଏ। ଏଥର ପଡ଼ିଲା ଅଦଭୁତାନନ୍ଦଙ୍କର ପାଳି ସେ କହିଲେ ଆଜିର ସଭାର ଉଦ୍ଦେଶ୍ୟରୁ ଆମେ ବାହାରି ଯାଉଚେ ଓ ମାର ଗୁଣଗାନ କରୁଛେ। ସଭାର ଉଦ୍ଦେଶ୍ୟ ହେଉଛି କିପରି ବ୍ୟଭିଚାର, ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ କମିବ ସେ ବିଷୟରେ ଆଲୋଚନା କରିବା। ସେ କହିଲେ ମୁଁ ପଚାରୁଛି 'ଯଦି ସବୁ ସ୍ତ୍ରୀଲୋକ ମାନେ କର୍ମଜୀବୀ ହୋଇଯିବେ ତେବେ ଘରେ ରହିବ କିଏ ? ଯଦି ସ୍ୱାମୀ ସ୍ତ୍ରୀ ଉଭୟେ କର୍ମକ୍ଷେତ୍ରକୁ ଯିବେ ତେବେ ଘର ସମ୍ଭାଳିବ କିଏ ? ଯଦି ସ୍ତ୍ରୀଲୋକମାନେ ଅନ୍ୟର ପିଲାମାନଙ୍କୁ ପଢ଼ାଇବା ପାଇଁ ସ୍କୁଲକୁ ଯାଆନ୍ତି ତେବେ ନିଜ ପିଲାଙ୍କୁ ପଢ଼ାଇବ କିଏ ? ହାତରେ ପୁସ୍ତକ ଧରି ସ୍ତ୍ରୀଲୋକ ମାନେ ଯଦି ପୁରୁଷ ମାନଙ୍କ ପରି ବାହାରକୁ ଯାଆନ୍ତି ତେବେ ରୋଷେଇ କାର୍ଯ୍ୟ କରିବ କିଏ ? ଆର୍ଥିକ ଅବସ୍ଥାରେ ସ୍ତ୍ରୀଲୋକମାନେ ସ୍ୱଚ୍ଛଳତା ଆଣିଲେ ମଧ ସ୍ତ୍ରୀର ଶୂନ୍ୟ ସ୍ଥାନକୁ ପୂରଣ କରିବ କିଏ ? ସ୍ତ୍ରୀଲୋକମାନେ କର୍ମକ୍ଷେତ୍ରକୁ ଗଲେ ସୁଖୀ ସଂସାର ସ୍ୱପ୍ନ ହୋଇଯିବ କି ? ପଛ ପଟରୁ ଘୋର ପାଟି ତୁଣ୍ଡ ହେବାରୁ ଅଦଭୂତାନନ୍ଦଙ୍କ ପ୍ରବଚନ ବନ୍ଦ କରିବାକୁ ପ୍ରଯୋଜକ ବାଧ ହେଲେ। ଏଥର ଆନନ୍ଦାନନ୍ଦ କହିଲେ ମୋର ଗଭୀର ଚିନ୍ତା ସନ୍ତାନର ଗଭୀର ଭାବେ କ୍ଷତବିକ୍ଷତ ହୃଦୟକୁ ସଜାଡ଼ି ପାରେ। ମାର ଜ୍ଞାନକୌଶଳ ଓ ସହନଶୀଳତା ପୁତ୍ରର ଛୋଟ ହୃଦୟକୁ ବଦଳାଇଥାଏ। ମାର ଦୟାଭାବ ଆମର ଭୁଲକୁ କ୍ଷମା କରିଥାଏ। ଅସୁବିଧାରେ ମା ପିଠି ଆପୁଡ଼େଇ ଦେଇ ମୁଣ୍ଡକୁ ନୁଆଁଇ ଭଗବାନଙ୍କୁ ପ୍ରାର୍ଥନା କରେ। ମାର ଜ୍ଞାନ ପ୍ରକୃତରେ କଣ ଆମେ ଚାହିଁ ତାହା ବୁଝାଇ ଦେଇଥାଏ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ହାତୀ ଆକ୍ରମଣରେ ଦୁଇଦିନ ତଳେ ଜଣକ ମୃତ୍ୟୁଘଟଣା ମନରୁ ଯାଇନଥିବା ବେଳେ ଆଜି ପୁଣି ଜଣକର ହାତୀ ପାଦତଳେ ଜୀବନ ଯାଇଛି। ଖବରରୁ ପ୍ରକାଶ ହିନ୍ଦୋଳ ବ୍ଲକ ତଥା ବନାଞ୍ଚଳ ହିନ୍ଦୋଳଥାନା ଅନ୍ତର୍ଗତ ପଡ଼ା ଗ୍ରାମର ସ୍ୱର୍ଗତ ପାଣୁ ସାହୁଙ୍କ ପୁତ୍ର କୈବଲ୍ୟ ସାହୁ ଆଜି ଦିନ ୧୧ଘଣ୍ଟା ସମୟରେ ନିକଟସ୍ଥ ଜଙ୍ଗଲକୁ ଆମ୍ବ ତୋଳିବାକୁ ଯାଇଥିବାବେଳେ ହାତୀ ହାବୁଡ଼େର ପଡିଯିବାରୁ ହାତିଟି ତାଙ୍କୁ ଦଳିଚକଟି କଚାଡି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ହିନ୍ଦୋଳ ବନବିଭାଗ ଅଧିକାରି ଓ ହିନ୍ଦୋଳ ଥାନାପୋଲିସ ତୁରନ୍ତ ଘଟଣାସ୍ଥଳରେ କୈବଲ୍ୟ ଙ୍କୁ ଉଦ୍ଧାରକରି ପହଂଚି ଶବ ଜବତକରି ବ୍ୟବଛେଦପାଇଁ ପଠାଇଥିଲେ। ତେବେ ହିନ୍ଦୋଳ ବନବିଭାଗ ପକ୍ଷରୁ ତୁରନ୍ତ ଗୋଟିଏ ଦିନରେ ୧ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ ସହ ଶବବ୍ୟବଛେଦ ରିପୋର୍ଟପରେ ଆଉ ୯ଲକ୍ଷ ଟଙ୍କା କ୍ଷତିପୂରଣ ମୃତକଙ୍କ ପରିବାରକୁ ଯୋଗାଇ ଦିଆଯିବାକୁ ପ୍ରତିଶୃତି ଦେଇଥିଲେ।

## ଗୋଟିଏ ଘଣ୍ଟାର ବର୍ଷାରେ ୫ ଲକ୍ଷର କ୍ଷତି, ଚାଷୀ ପରିବାର ଚିନ୍ତାରେ

ଲକ୍ଷ୍ମୀପୁର, (ମହାଭାରତ) : ଗୋଟିଏ ଘଣ୍ଟାର ବର୍ଷା,ଆଉ ସବୁ ସ୍ୱପ୍ନ ଭାଙ୍ଗିଗଲା। କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ତୁନୁପାର ଗାଁରେ ଦେଖିବାକୁ ମିଳିଛି ଏକ ଦୁଃଖଦ ଓ ହୃଦୟବିଦାରକ ଘଟଣା। ହଠାତ୍ ଆସିଥିବା ବାଦଲ ଫୋଟା ସହ କୁଆପଥର ବର୍ଷା ଏକ ଚାଷୀ ପରିବାରର ସମସ୍ତ ଆଶାକୁ ଧ୍ୱଂସ କରିଦେଇଛି। ସକାଳ ପର୍ଯ୍ୟନ୍ତ ସବୁ କିଛି ସାଧାରଣ ଥିଲା। ଫଳଭରା ଅମ୍ବ ଗଛ, ଲିଚୁରେ ଭରିଥିବା ଟୋପା ଓ ସୁସ୍ଥ ଭାବରେ ଦାଉଡ଼ିଥିବା କଦଳୀ ଚାଷ ଦେଖି ଚାଷୀ ପରିବାର ଭବିଷ୍ୟତ୍ ପ୍ରତି ଆଶାବାଦୀ ଥିଲେ। କିନ୍ତୁ ଦୁପର ବେଳକୁ ହଠାତ୍ ପାଗ ପଲଟିଗଲା। ଜୋର ବାତ୍ୟା ସହ ବର୍ଷା ଓ କୁଆପଥର ପଡ଼ିବାରୁ କେବଳ କିଛି ମିନିଟ୍ ?ରେ ସମସ୍ତ ଚାଷ ନଷ୍ଟ ହୋଇଗଲା,ଅମ୍ବ ଓ ଲିଚୁ ଫଳ ଗଛରୁ ପଡ଼ି ମାଟିରେ ନଷ୍ଟ ହୋଇଥିବା ବେଳେ କଦଳୀ ଗଛମାନେ ବାତ୍ୟାରେ ଭାଙ୍ଗି ପଡ଼ିଛି। ପରିବାରର କହିବା ଅନୁସାରେ ପ୍ରାୟ ୫ ଲକ୍ଷ ଟଙ୍କାର କ୍ଷତି ହୋଇଛି। ଏହି ଚାଷ ହେଉଥିଲା ସେମାନଙ୍କର ଏକମାତ୍ର ଆର୍ଥିକ ଆଧାର, ଯାହାର ଉପରେ ଘର ଚାଲୁଥିଲା ଓ ପିଲାମାନଙ୍କ ଶିକ୍ଷା ନିର୍ଭର କରୁଥିଲା,କ୍ଷତିଗ୍ରସ୍ତ ଚାଷୀ ଭରା କଣ୍ଠରେ କହିଛନ୍ତି, "ଏବେ ଆମେ କେମିତି ଘର ଚାଲାଇବୁ ? ପିଲାମାନଙ୍କୁ କେମିତି ପଢ଼ାଇବୁ ? ଗୋଟିଏ ଘଣ୍ଟାରେ ସବୁ ସରିଗଲାଁ" ଏହି କଥା ସମଗ୍ର ଗାଁର ଦୁଃଖକୁ ପ୍ରକାଶ କରୁଛି,ଘଟଣା ପରେ ଗାଁରେ ନିରାଶାର ପରିବେଶ ଦେଖାଯାଇଛି,ସ୍ଥାନୀୟ ଲୋକେ ସରକାରଙ୍କ ତତ୍କାଳ ହସ୍ତକ୍ଷେପ ଓ ସହାୟତା ଦାବି କରୁଛନ୍ତି। କିନ୍ତୁ ଦୁଃଖର କଥା ହେଉଛି, ଘଟଣା ଘଟିବା ପରେ ଏପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ସ୍ଥଳକୁ ପହଞ୍ଚିନାହାନ୍ତି। ଏହା ନେଇ ସ୍ଥାନୀୟ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି,କେବେ ପହଞ୍ଚିବ ପ୍ରଶାସନ ? କେବେ ମିଳିବ କ୍ଷତିପୂରଣ ? ଏବଂ କେବେ ଏହି ଚାଷୀ ପରିବାରକୁ ମିଳିବ ସରକାରୀ ସହାରା ? ବର୍ତ୍ତମାନ ସମସ୍ତଙ୍କ ଦୃଷ୍ଟି ପ୍ରଶାସନର ପଦକ୍ଷେପ ଉପରେ ରହିଛି। ଯଦି ଶୀଘ୍ର ସହାୟତା ମିଳିବ ନାହିଁ, ତେବେ ଏହି ପରିବାର ପାଇଁ ଜୀବନ ଚାଲାଇବା ଅଧିକ କଠିନ ହୋଇପଡ଼ିବ।

## ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ

କପ୍ତିପଦା /ଉଦଳା, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର କାକବନ୍ଧ ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ତାତିଛି ବିଜେଡି। ଆଜି ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବିଜେଡି ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରା ଦେଇଛି। ଏହି ବନ୍ଦ ଡାକରାରେ କପ୍ତିପଦା ଉପଖଣ୍ଡରେ ଦୋକାନ ବଜାର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ କାର୍ଯ୍ୟାଳୟ ଓ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଛାତ୍ରୀକୁ ନ୍ୟାୟ ପାଇଁ ବିଜେଡି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିବା ବେଳେ ଆଗାମୀ ଦିନରେ ବିଭିନ୍ନ ଆଶ୍ରମ ସ୍କୁଲରେ ଛାତ୍ର ଛାତ୍ରୀ ମାନଙ୍କର ଠିକ୍ ଭାବରେ ସୁରକ୍ଷା ଦାବି କରିଛି ବିଜେଡି। ଉଦଳାର ବିଭିନ୍ନ ସ୍ଥାନରେ ବିଜେଡିର କର୍ମୀମାନେ ପିକେଟିଂ ଜାରି ରଖିଛନ୍ତି।

## ବିଜୁବାବୁଙ୍କ ଉତ୍ସର୍ଗୀକୃତ ଦେଶପ୍ରେମ ଅନନ୍ୟ: ଦିବ୍ୟଶଙ୍କର



ଜୁନାଗଡ଼ (ମହାଭାରତ)୧୭/୦୪/୨୬ ବିଜୁବାବୁଙ୍କ ଦେଶପ୍ରେମ ଓ ଓଡିଶା ବିକାଶରେ ଅବଦାନ ଅନନ୍ୟ।ଏହି କଳିଙ୍ଗ ଷଣ୍ଢଙ୍କ ଉଦ୍ୟମରେ ଓଡ଼ିଶାର ଅନେକ ବିକାଶ ହେବାସହ, ଓଡ଼ିଶାର ନାଁ ବିଶ୍ୱବନ୍ଦିତ ହୋଇଛି।ତାଙ୍କର ଦୂରଦୃଷ୍ଟିଆଜି ପ୍ରବାଦ ଯୋଗୁଁ ଓଡ଼ିଆ ମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି।ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଜି ଆଲୋଚନା ହୋଇଥିଲା।ଆଜି ପ୍ରବାଦ ପୁରୁଷଙ୍କ ପୁଣ୍ୟତିଥିରେ ଆୟୋଜିତ ଆଲୋଚନା ଶୀର୍ଷକ ବିଜୁବାବୁଙ୍କ ଦେଶପ୍ରେମ ଓ ଓଡିଶା ବିକାଶରେ ଅବଦାନ ବିଷୟରେ ଏକ ଆଲୋଚନା ଚକ୍ର ଜୁନାଗଡ଼ ସଂସ୍କୃତି ଭବନ ଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।ଆଲୋଚନା ଚକ୍ର ସଭାରେ ବିଜେଡି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ କୁମାର ବେହେରା ସଭାପତିତ୍ୱ କରିଥିଲେ।କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଦିବ୍ୟଶଙ୍କର ମିଶ୍ର ଉପସ୍ଥିତ ଥିବା ବେଳେ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ। ସୁଧିରା ମେହେର,ବ୍ଲକ ଅଧ୍ୟକ୍ଷ। ସବିତା ମେହେର,ଏନଏସି ଅଧ୍ୟକ୍ଷ। ହିମାଦ୍ରୀ ନାଏକ, ଜିଲ୍ଲା ପରିଷଦ ସଭ୍ୟା ସଂଗୀତା ଖର୍ସେଲ, ଲାଲ ବାହାଦୂର ଜାନି,ପୂର୍ବତନ ନଗରପାଳ ମହେଶ ସାହୁ, ବରିଷ୍ଠ ବିଜେଡି ନେତା ଦିନେଶ ବଗର୍ତ୍ତି,ଦିଗାମ୍ବର ନାଏକ,ମଦନ ସାହୁ,ପ୍ରେମାନନ୍ଦ ଘି, ପ୍ରମୁଖ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକର ବିଭିନ୍ନ ବ୍ଲକରୁ ଶହ ଶହ ବିଜୁପ୍ରେମୀ ପୁରୁଷ ମହିଳା ଉପସ୍ଥିତ ଥିଲେ।

## ପାକଲାପଲ୍ଲୀ ଗ୍ରାମରେ ରାମନବମୀ ଯାତ୍ରା ଅନୁଷ୍ଠିତ

ଆସିକା, (ମହାଭାରତ) : ଆସିକା ଏନଏସି ଅଧୀନସ୍ଥ ୧୮ ନମ୍ବର ୱାର୍ଡର ପାକଲାପଲ୍ଲୀରେ ପବିତ୍ର ଶ୍ରୀ ରାମନବମୀ ଯାତ୍ରା ଉତ୍ସବ ଅବସରରେ ରଘୁନାଥ ସ୍ୱାମୀ ମହାପ୍ରଭୁଙ୍କ ନଗର ପରିକ୍ରମା ଉତ୍ସବ ଶହ ଶହ ଭକ୍ତଙ୍କ ଉପସ୍ଥିତିରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ରଘୁନାଥ ସ୍ୱାମୀ ମହାପ୍ରଭୁ ଙ୍କ ରାମନବମୀ ଯାତ୍ରା ଅବସରରେ ଠାକୁର ମାନଙ୍କୁ ପାଲିଙ୍କିରେ ଅଧିଷ୍ଠିତ କରାଯାଇ ବିଭିନ୍ନ ପ୍ରକାରର ବାଦ୍ୟବାଜଣାରେ ବିଶାଳ ଶୋଭାଯାତ୍ରା ମନ୍ଦିର ନିକଟରୁ ବାହାରି ପାକଲାପଲ୍ଲୀ, ତାଲୁକା ରୋଡ, ବଜାର ସାହି, ହାଟପଦା, ଖମ୍ବେଶ୍ୱରୀପାଟଣା, ବିନାୟକ ବଜାର, କଳିଙ୍ଗ ରୋଡ ପରିକ୍ରମା କରାଯିବା ପରେ ଶନିବାର ଗ୍ରାମର ମଣ୍ଡପରେ ବିଜେ କରାଯାଇଥିଲା ।

# ଏନ୍.ଏଚ୍ ୧୬ ଖୋର୍ଦ୍ଧା ବାଇପାସ୍ ଛକ ଡ଼ଲଫିନ ହୋଟେଲରୁ ସେକ୍ସ୍ ରାକେଟ ଠାବ

### ରାକେଟ୍‌ରେ ସାମିଲ୍ କିଙ୍ଗପିନ୍ ସମେତ ୨ଦେହଜିବୀ, ୪ଗ୍ରାହକ, ହୋଟେଲ ମାଲିକ, ଓ ମ୍ୟାନେଜର

ଖୋର୍ଦ୍ଧା : (ମହାଭାରତ) ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଖୋର୍ଦ୍ଧା ଜଟଣୀ ୧୬ନମ୍ବର ଜାତୀୟ ରାଜପଥ ଓଭରବ୍ରିଜ ନିକଟ ଡଲଫିନ୍ ହୋଟେଲ୍ରୁ ଏକ ସେକ୍ସ ରାକେଟକୁ ଠାବ କରିଛି ଖୋର୍ଦ୍ଧା ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ଟିମ୍ । ଶିଳ୍ପାଞ୍ଚଳ ଥାନା ପୋଲିସ ସହିତ ମିଳିତ ଚଢାଉରେ ରାକେଟ ଚଳାଉଥିବା ରାଣୀ ମହୁମାଛି ସମେତ ୪ଜଣ ଗ୍ରାହକ ଓ ୨ଜଣ ଦେହଜିବୀ ଏବଂ ହୋଟେଲର ମାଲିକ ସହିତ ମ୍ୟାନେଜରଙ୍କୁ ଧରିଛି ସ୍ପେଶାଲ ସ୍କ୍ୱାର୍ଡ ଟିମ୍।ହୋଟେଲ ବିଭିନ୍ନ ମହଲାରେ ରହିଥିବା ୩ଟି ରୁମ୍ ମଧ୍ୟରୁ ୨ଜଣ ଦେହଜିବୀ ଏବଂ ୩ଜଣ ଗ୍ରାହକଙ୍କୁ ଅସଞ୍ଜତ ଅବସ୍ଥାରେ ଉଦ୍ଧାର କରିଥିଲେ । ଏଥି ସହିତ ଅନେକ ଆପତ୍ତିଜନକ ସାମଗ୍ରୀ ମଧ୍ୟ ପୋଲିସ ଜବତ କରିଛି ।







ଘଟଣାରେ ଅଟକ ରହିଥିବା ୩ ଗ୍ରାହକ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ନନ୍ଦସାହିର ରାକେଶ ମହାପାତ୍ର (୩୩), ବାଲେଶ୍ୱର ଅଞ୍ଚଳର ସଞ୍ଜିବ ତ୍ରୀବେଦୀ (୩୧), ଓ ଜଙ୍କିଆ ଅଂଚଳ ର ଦୀପକ ମାଝି (୩୦) । ସେହିପରି ହୋଟେଲ ମ୍ୟାନେଜର ଭାବେ କାମ କରୁଥିବା ଯାଯପୁର ଯାଜପୁର ଜିଲ୍ଲାର ଉମାକାନ୍ତ ଗୁରୁ (୩୨) ଓ ହୋଟେଲ ମାଲିକ ନିମାଇଁ ଚରଣ ବିଶ୍ୱାଳ (୬୫) ଙ୍କୁ ମଧ ପୋଲିସ ଅଟକ ରଖିଛି। ଏ ସଂକ୍ରାନ୍ତରେ ପୋଲିସ ନିଜ ଆଡ୍ରୁ ୯୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ବୋଲି କହିଛନ୍ତି ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉମେଶ ସାହୁ । ପ୍ରକାଶ ଯେ, ଏହି ହୋଟେଲଟି ଖୋର୍ଦ୍ଧା ଜଟଣୀ ୧୬ନମ୍ବର ଜାତୀୟ ରାଜପଥ ଓଭରବ୍ରିଜ କଡ଼େର ରହିଥିବା ବେଳେ ଉକ୍ତସ୍ଥାନ ଜନଗହଳୀପୂର୍ଣ୍ଣ ରାସ୍ତା ହୋଇନଥିବାରୁ ଏହାର ସୁଯୋଗ ନେଇ ହୋଟେଲରେ ଚାଲିଥିଲା ସେକ୍ସ ରାକେଟ୍ । ସୂତ୍ରରୁ ପ୍ରକାଶ ଯେ, ଦୀର୍ଘ ୮ମାସ ଧରି ଧରା ହୋଇଥିବା କିଙ୍ଗପିନ୍ ହୋଟେଲ ମାଲିକଙ୍କ ସହ ମିଶି ହୋଟେଲରେ ସେକ୍ସ୍ ରାକେଟ ଚଳାଇଥିଲେ ।

ପ୍ରକାଶ ଥାଉକି, ଗତ ୨୦୨୫ ମାର୍ଚ୍ଚ ୩୧ ତାରିଖରେ ସଦରଥାନା ଅନ୍ତର୍ଗତ ଦଧିମାଛଗାଡ଼ିଆ ଅଞ୍ଚଳରେ ପୁଲିସ ଓ ସ୍ପେଶାଲ ସ୍କ୍ୱାର୍ଡ ମିଳିତ ଚଢଉରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଘରୁ ସେକ୍ସ୍ ରାକେଟକୁ ଠାବ କରିଥିବା ବେଳେ ଧରା ପଡ଼ିଥିବା ରାଣୀ ମହୁମାଛି ପୁନର୍ବାର ଆଜି ଡଲଫିନ୍ ହୋଟେଲ ସେକ୍ସ୍ ରାକେଟ ଘଟଣାରେ ସମ୍ପୃକ୍ତ ରହିଥିବା ନେଇ ପୋଲିସ ସୂଚନା ଦେଇଛି । ଅନ୍ୟପଟେ କିଛି ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଏ ସମ୍ପର୍କରେ ଜଣା ପଡିବା ପରେ ପୋଲିସକୁ ସୂଚନା ଦିଆଯାଇଥିଲେ ସୁଦ୍ଧା ସ୍ଥାନୀୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ସ୍ପେଶାଲ ସ୍କ୍ୱାର୍ଡ ଟିମ୍ ହାତରେ ଏହି ରାକେଟ ଧରାପଡିବା ପରେ ଘଟଣାକୁ ପଦାକୁ ଆସିଛି ଏବଂ ଆଗକୁ ବହୁ ଗୁମର ଖୋଲିବ ବୋଲି ଆଲୋଚନା ହେଉଛି ।

## ମାଲକାନଗିରିରେ ଶିକ୍ଷାର ବିକାଶ ପାଇଁ ଜିଲ୍ଲାପାଳଙ୍କ ମାଷ୍ଟର ପ୍ଲାନ୍

ମାଲକାନଗିରି, (ମହାଭାରତ) : ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳିବ ଉଚ୍ଚକୋଟୀର ଶିକ୍ଷା ଏବଂ ଅତ୍ୟାଧୁନିକ ସୁବିଧା ସୁଯୋଗ। ଶିକ୍ଷାର ମାନ ବୃଦ୍ଧି ଏବଂ ଭିତ୍ତିଭୂମିର କାୟାକଳ୍ପ ପାଇଁ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସ୍ଥାନୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ସେଠାକାର ଶିକ୍ଷାଦାନ ପଦ୍ଧତି ଓ ବିଦ୍ୟାଳୟର ସାମଗ୍ରିକ ସ୍ଥିତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଏବଂ ରୂପାନ୍ତରଣ ପାଇଁ ଏକ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ବା କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ସେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ପ୍ରଶାସକଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ନିଜ ପରିଦର୍ଶନ ସମୟରେ ବିଦ୍ୟାଳୟର ପ୍ରତିଟି ବିଭାଗକୁ ବୁଲି



ଦେଖିବା ସହ ପିଲାମାନେ କିଭଳି ପାରମ୍ପରିକ ପଦ୍ଧତିରୁ ଊର୍ଦ୍ଧ୍ୱକୁ ଯାଇ ଆଧୁନିକ ତଥା ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଶିକ୍ଷା ଗ୍ରହଣ କରିବେ, ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ଗୁରୁତ୍ୱ ଦେଇଛନ୍ତି। ପାଠପଢ଼ାର ମାନକୁ କିଭଳି ଜାତୀୟ ସ୍ତରର ବିଦ୍ୟାଳୟ ସହ ସମାନ କରାଯାଇପାରିବ, ସେ ନେଇ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ଓ ଶିକ୍ଷକମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ଆବାସିକ ସୁବିଧା, ପାନୀୟ ଜଳ, ପରିମଳ ଏବଂ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ପାଇଁ ସେ ପ୍ରକଳ୍ପ ପ୍ରଶାସକଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି।ଏହି ସମୀକ୍ଷା କାଳରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ଉପସ୍ଥିତ ରହି ବିଦ୍ୟାଳୟର ସମ୍ପ୍ରସାରଣ ଓ ଆବଶ୍ୟକୀୟ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପିଲାମାନଙ୍କ ମଧ୍ୟରେ ଥିବା ସୃଜନଶୀଳ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଦୁର୍ଗମ ଅଞ୍ଚଳର ଏହି ଶିକ୍ଷାନୁଷ୍ଠାନକୁ ଜିଲ୍ଲାର ଏକ ମଡେଲ ସ୍କୁଲ ଭାବେ ଗଢ଼ି ତୋଳିବା ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକାର ଆର୍ଥିକ ଓ ବୈଷୟିକ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଜଙ୍ଗଲ ଜମିରେ ଚାଲିଥିଲା କବାଡିଆ ବେପାର, ଚଢ଼ିଲା ପ୍ରଶାସନ ବୁଲଡୋଜର, ହଟିଲା ଜବରଦଖଲ



ପାରାଦୀପ, (ମହାଭାରତ) : ବେଆଇନ ଭାବରେ ଝାଟି ଜଙ୍ଗଲ କିସମଯୁକ୍ତ ଜମି ରୁ ଜବରଦଖଲ ଉଠାଇବାକୁ ନେଇ ଚାଲିଲା ପ୍ରଶାସନିକ ବୁଲଡୋଜର, ଯେତେ କାକୁତି ମିନତୀ ହେଲେ ମଧ ଶୁଣିଲାନି ପ୍ରଶାସନ, ଚଢ଼ାଇଲା ବୁଲଡୋଜର, ଭାଙ୍ଗିଦେଲା ଘର। ଯାହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖିବାକୁ ମିଳିଥିଲେ ମଧ ଏହା କୌଣସି ପ୍ରଭାବ ପଡିନଥିଲା । ଘର ସମେତ ଗଦା ଗଦା ବିଭିନ୍ନ କବାଡିଆ ସାମଗ୍ରୀକୁ ଜେସିବି ସହାୟତାରେ ସଫା କରିଦିଆଯାଇଛି । ଏହିଭଳି ଘଟଣା ଦେଖିବାକୁ ମିଳିଛି ପାରାଦୀପ ଭିତରଗଡ଼ ଅଞ୍ଚଳରେ । ଭିତରଗଡ଼ ରେ ରହିଥିବା ତିରିଶ ଡିସମିଲ ଜମିକୁ ଦୀର୍ଘବର୍ଷ ହେବ ଗୋବର୍ଦ୍ଧନ ବେହେରା ଜବରଦଖଲ କରି ରହିବା ସହିତ ବିଭିନ୍ନ କବାଡିଆ ସାମଗ୍ରୀ ବେପାର କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା । ଏ ନେଇ କୋର୍ଟରେ ମାମଲା ରୁଜୁ ହୋଇଥିଲେ ମଧ କୋର୍ଟ ଏହାକୁ ଏଡାଇ ଦେଇଥିବା ନେଇ କହିଛନ୍ତି କୁଜଙ୍ଗ ତହସିଲଦାର। ଏ ନେଇ ବାରମ୍ବାର ନୋଟିସ ପରେ ମଧ ଏମାନେ ନ ଶୁଣିବାରୁ ଆମେ ଆଜି ବାଧ ହୋଇ ଲକଥାନା ପୋଲିସ ସହାୟତା ରେ ଜବରଦଖଲ ଉଛେଦ କଲୁ, ଆଗାମୀ ଦିନରେ ଏହିସ୍ଥାନରେ ବାଉଣ୍ଡାରୀ ନିର୍ମାଣ କରାଯାଇ ଜଙ୍ଗଲ କିସମ ଜମି ହୋଇଥିବାରୁ ଜଙ୍ଗଲ ବିଭାଗ ସହାୟତାରେ ଏଠି ବୃକ୍ଷରୋପଣ କରାଯିବ ବୋଲି କହିଛନ୍ତି କୁଜଙ୍ଗ ତହସିଲଦାର । ଏହି ଜାଗା ଆମର ପୂର୍ବପୁରୁଷଙ୍କ ଜାଗା, ବର୍ଦ୍ଧମାନ ଅମଳର ପଟା ମଧ ଆମ ପାଖରେ ଅଛି, ଏଠି କିଛି ବଡବଡିଆ ଲୋକ ଏହି ଜମିକୁ ହାତେଇବାକୁ ଟଙ୍କା ଦେଇ ଏହାକୁ ଜଙ୍ଗଲ ଜମିରେ ପରିବର୍ତ୍ତନ କରିଛନ୍ତି, ପ୍ରଶାସନକୁ ବାରମ୍ବାର ଆମ ନାମରେ ରିପୋର୍ଟ କରିବାରୁ ଆଜି ଏହିଭଳି ଅବସ୍ଥା ହୋଇଛି ବୋଲି କହିଛନ୍ତି ଗୋବର୍ଦ୍ଧନ ବେହେରାଙ୍କ ପରିବାର ।

## ବିଦ୍ୟାଳୟ ଛାଡ଼ନ୍ତା ତଥା ଅସଦାଚରଣ ନିରାକରଣକୁ ନେଇ ସଚେତନତା କାର୍ଯ୍ୟକ୍ରମ

ଗଜପତି, (ମହାଭାରତ) ; ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ଏହି ଶିଶୁ କିପରି ବିଦ୍ୟାଳୟରେ ପାଠ ପଢି ଭବିଷ୍ୟତରେ ଉତ୍ତମ ନାଗରିକ ହୋଇ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିପାରିବେ ଏହି କଥାକୁ ଚିନ୍ତା କରି ତଥା ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଆଦର୍ଶ ନାଗରିକ କରିବା ଉଦ୍ଦେଶ୍ୟ ନେଇ ଆଜି ସେରଙ୍ଗ ଥାନା ଅନ୍ତର୍ଗତ ଭୁବନୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଉଳ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ କିପରି ନାଁ କମାଇବେ ତଥା ଅନ୍ୟ ସାଙ୍ଗସାଥିଙ୍କୁ ବିଦ୍ୟାଳୟରେ ପଢିବା ନିମନ୍ତେ ପ୍ରୋତ୍ସାହିତ କରିବେ ସେ ନେଇ ସଚେତନ କରିବା ସହ ବିଭିନ୍ନ ଆଇନ କାନୁନ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସାଇବର କ୍ରାଇମ ତଥା ସେରଙ୍ଗ ଥାନାଧିକାରୀ କମଳା ଚୌଧୁରୀ ବାଲ୍ୟ ବିବାହ ତଥା ଅସଦାଚରଣ ରୋକିବା ନେଇ ରହିଥିବା ବିଭିନ୍ନ ଆଇନ ଉପରେ ସମସ୍ତଙ୍କୁ ସୂଚନା ଦେଇଥିଲେ। ସେହିପରି ପାରଳାଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ଜିତୁ ପଟ୍ଟନାୟକ ଛାତ୍ରମାନଙ୍କୁ ଜୀବନର ଲକ୍ଷ୍ୟ ଉପରେ ଉଦବୋଧନ ଦେଇଥିଲେ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଓକିଲ ମମତା ଦେବୀ ଓ ଗୁମ୍ମା ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ରଞ୍ଜନ ମଣ୍ଡଳ ପ୍ରମୁଖ ଉପସ୍ଥିତ ହୋଇ ବିଭିନ୍ନ ଆଇନ ବିଷୟରେ ପିଲାଙ୍କୁ ସଚେତନ କରିଥିଲେ।

## ଅଙ୍ଗନବାଡି ଦିଦିଙ୍କ କାର୍ଯ୍ୟକୁ ବିରୋଧ କରି ଅଙ୍ଗନବାଡିକୁ ତାଲା ମାରିଲେ ଗ୍ରାମବାସୀ

ରାଇଘର, (ମହାଭାରତ) : ରାଇଘର ବ୍ଲକ ନାକଟିସିମଡା ପଞ୍ଚାୟତ ର ଚନାବରୀ ଗ୍ରାମର ଅଙ୍ଗନବାଡି କର୍ମୀ ରତନୀ ଗଣ୍ଡଙ୍କ କାର୍ଯ୍ୟକୁ ବିରୋଧ କରି ଅଙ୍ଗନବାଡି କେନ୍ଦ୍ରକୁ ତାଲା ମାରିଲେ ଗ୍ରାମବାସି। ନିୟମିତ ଅଙ୍ଗନବାଡି କର୍ମୀ ଆସୁନଥିବା ବେଳେ ସପ୍ତାହକୁ ଦିନେ ଦୁଇଦିନ ଆସୁଥିବା ସହ ପିଲାଙ୍କୁ ଭଲ ଭାବରେ ଶିକ୍ଷା ଦେଉନ ଥିବାର ଅଭିଯୋଗ କରିଆସୁଥିଲେ ଗ୍ରାମବାସି । ଏହି ବାବଦରେ ବାରମ୍ବାର ଗ୍ରାମବାସି ଅଙ୍ଗନବାଡ଼ି କର୍ମୀଙ୍କୁ ତାଗିଦ କରୁଥିଲେ ମଧ୍ୟ ଅଙ୍ଗନବାଡ଼ି କର୍ମୀ ଶୁଣୁନଥିବାରୁ ଆଜି ଉତ୍ତକ୍ତ ହୋଇ ସମସ୍ତ ଚନାବରୀ ଗ୍ରାମବାସି ଏକତ୍ରିତ ହୋଇ ଅଙ୍ଗନବାଡି କେନ୍ଦ୍ରକୁ ତାଲା ମାରିଥିଲେ। ଯେଉଁ ପର୍ଯ୍ୟନ୍ତ ସମାଧାନ ନ ହେବ ସେହି ପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ରରୁ ତାଲା ଖୋଲାଯିବ ନାହିଁ ବୋଲି ଗ୍ରାମବାସି କହିଛନ୍ତି।

## ଘର ଭିତରେ ଅଟକ ଥିବା ନାବାଳିକା ଉଦ୍ଧାର,ଜୋର ଜବରଦସ୍ତ ଘରେ ଲୁଚେଇ ରଖିଥିବା ଯୁବକ ଥାନାରେ ଅଟକ

ପାରାଦୀପ, (ମହାଭାରତ) : ପାରାଦୀପ ଷଣ୍ଢକୁଦ ବସ୍ତିର ୧୮ ନମ୍ବର ୱାର୍ଡ ଶିବମନ୍ଦିର ନିକଟରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଜଣେ ନାବାଳିକାକୁ ଘରକୁ ଡାକି ଘର ଭିତରେ ଲୁଚାଇ ରଖିବା ଘଟଣାରେ ଜଣେ ଯୁବକକୁ ସ୍ଥାନୀୟ ଲୋକ ନିର୍ଘୁମ ଛେଚିବା ସହିତ ଜଟାଧାର ସାମୁଦ୍ରିକ ଥାନା ପୋଲିସକୁ ହସ୍ତାନ୍ତର କରିଛନ୍ତି । ସୂଚନା ଅନୁଯାଇ ଆଜି ଦିନ ପାଖାପାଖି ଏଗାରଟା ସମୟରେ ଏହି ନାବାଳିକା ଜଣକ ଘରୁ ସାଇକେଲ ନେଇ ଯାଉଥିବା ସମୟରେ ସାଇକେଲରେ ପମ୍ପ କମ ଥିବାରୁ ଏକ ଦୋକାନରେ ପମ୍ପ ଦେଉଥିଲା । ଏହି ସମୟରେ ଶିବମନ୍ଦିର ନିକଟରେ ପାନ ଦୋକାନ କରିଥିବା ଜଣେ ଯୁବକ ଏହି ନାବାଳିକା ସହିତ କଥା ହୋଇ ନିଜ ଘରକୁ ଡାକିଥିଲା । ଘରେ ପହଞ୍ଚିବା



ପରେ ବାହାରେ ସାଇକେଲ ରଖି ଭିତରୁ କବାଟ ଦେଇଦେଇଥିଲେ । ନାବାଳିକାର ମା' ଝିଅ ଘରକୁ ଆସିବା ଡେରି ହେବା କାରଣରୁ ସାରା ବସ୍ତି ଖୋଜାଖୋଜି କରିବା ପରେ ଶିବମନ୍ଦିର ନିକଟରେ ସାଇକେଲ ଥିବା ଦେଖିବା ସହତ ସମସ୍ତଙ୍କୁ ଘଟଣା ବିଷୟରେ ପଚାରିଥିଲେ । ମୋ ଝିଅକୁ କେହି ଦେଖିଛ ବୋଲି, ଘର ଘର ପଚାରିବା ପରେ କିଛି ଉତ୍ତର ନ ମିଳିବାରୁ ଦୀର୍ଘ ସମୟ ସେହିଠାରେ ଖୋଜାଖୋଜି କରିବା ପରେ ସ୍ଥାନୀୟ ଯୁବକ ମାନଙ୍କୁ ଯଦି କେହି ମୋ ଝିଅକୁ ଦେଖିବ ମୋତେ ଖବର ଦେବାକୁ କହି ଘରକୁ ଯିବା ପରେ କିଛି ଘଟଣା ଘଟିବା ଭୟରେ ଉକ୍ତ ନାବାଳିକାକୁ ଘରୁ ବାହାରକୁ ବିଦା କରୁଥିବା ସମୟରେ ସ୍ଥାନୀୟ ଯୁବକଙ୍କ ନଜରରେ ପଡିଥିଲା । ଉକ୍ତ ଯୁବକକୁ ଝିଅର ମା' ଝିଅ ବିଷୟରେ ପଚାରିଥିଲେ ମଧ ତାକୁ ଦେଖିନାହିଁ ବୋଲି କହିବା ଉକ୍ତ ଯୁବକ ମାନେ ଶୁଣିଥିଲେ, ଯାହାକୁ ନେଇ ମନରେ ସନ୍ଦେହ ହେବା ସହିତ ନାବାଳିକାର ମା'ଙ୍କୁ ଖବର ଦେବା ସହିତ ଉଭୟଙ୍କୁ ଅଟକ ରଖିଥିଲେ । ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ମହିଳା ମାନେ ଘଟଣା ସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ଖବର ପାଇ ଜଟାଧାର ମୁହାଣ ସାମୁଦ୍ରିକ ଥାନା ପୋଲିସ ଉକ୍ତ ଯୁବକକୁ ଉଦ୍ଧାର କରି ଥାନାକୁ ନେବା ସହିତ ତଦନ୍ତ ଆରମ୍ଭ କରିଛି ।

## ଚାରଧାମ ଯାତ୍ରା ପାଇଁ ଅଫଲାଇନ ପଞ୍ଜୀକରଣ ଆରମ୍ଭ

ନୂଆଦିଲ୍ଲୀ : ଚାରଧାମ ଯାତ୍ରା ପାଇଁ ଅଫଲାଇନ ପଞ୍ଜୀକରଣ ଆରମ୍ଭ ହୋଇଛି। ଉତ୍ତରାଖଣ୍ଡର ଚାରଧାମ ଯାତ୍ରା ପାଇଁ ଲକ୍ଷ ଲକ୍ଷ ଭକ୍ତ ପଞ୍ଜୀକରଣ କରିସାରିଛନ୍ତି । ଅଫଲାଇନ୍ ପଞ୍ଜୀକରଣ ଆରମ୍ଭ ହେବାର ପ୍ରଥମ ଦିନରେ, ୨,୭୧୩ ଜଣ ପଞ୍ଜୀକରଣ ରେକର୍ଡ କରାଯାଇଥିଲା । ତୀର୍ଥଯାତ୍ରା ପାଇଁ ଅଫଲାଇନ୍ ପଞ୍ଜୀକରଣ ଶୁକ୍ରବାର, ଏପ୍ରିଲ ୧୭ ତାରିଖରୁ ଆରମ୍ଭ ହୋଇଛି। ହରିଦ୍ୱାର, ଋଷିକେଶ, ହର୍ବର୍ଟପୁର ଏବଂ ନୟା ଗାଁସ୍ଥିତ କେନ୍ଦ୍ରଗୁଡ଼ିକରେ ଚାରଧାମ ଯାତ୍ରା ପାଇଁ ଅଫଲାଇନ୍ ପଞ୍ଜୀକରଣ ସମାପ୍ତ କରାଯାଇପାରିବ । ଚାରଧାମ ଯାତ୍ରା ପାଇଁ, ଯମୁନୋତ୍ରୀ ଧାମ ଏବଂ ଗଙ୍ଗୋତ୍ରୀ ଧାମର ଦ୍ୱାର ରବିବାର, ୧୯ ଏପ୍ରିଲ, ୨୦୨୬ରେ ଅକ୍ଷୟ ତୃତୀୟାର ପବିତ୍ର ଅବସରରେ ଖୋଲାଯାଉଛି । କେଦାରନାଥ ଧାମର ଦ୍ୱାର ବୁଧବାର ୨୨ ଏପ୍ରିଲ, ୨୦୨୬ରେ ଖୋଲିବ । ବଦ୍ରିନାଥ ଧାମର ଦ୍ୱାର ୨୩ ଏପ୍ରିଲ, ୨୦୨୬ ଗୁରୁବାର ଦିନ ଖୋଲିବ । ୨୩ ଏପ୍ରିଲ ସୁଦ୍ଧା, ଚାରଧାମ ଯାତ୍ରା ପାଇଁ ସମସ୍ତ ମନ୍ଦିରର ଦ୍ୱାର ଖୋଲାଯିବ । ଆପଣ ଙ୍କୱ୍ସ୍ୱବକ୍ସ୍ୱବଲକ୍ଷବଭୟସ୍ୱକ୍ଟଙ୍କକ୍ସସ୍ୱଞ୍ଜ.ଶକ୍ଟଙ୍ଗ.ସଭ ୱେବସାଇଟରେ ଚାରିଧାମ ଯାତ୍ରା ପାଇଁ ଅନଲାଇନ୍‌ରେ ପଞ୍ଜୀକରଣ କରିପାରିବେ । ୱେବସାଇଟକୁ ଯାଆନ୍ତୁ ଏବଂ ଆପଣଙ୍କର ମୋବାଇଲ୍ ନମ୍ବର ଦେଇ ଏକ ଆକାଉଣ୍ଟ ଓପନ କରନ୍ତୁ। ଓଟିପି ଯାଞ୍ଚ ପରେ, ଲଗ୍ ଇନ୍ କରନ୍ତୁ ଏବଂ 'ପରିଦର୍ଶନ ପରିଚାଳନା କରନ୍ତୁ' ଉପରେ କ୍ଲିକ୍ କରନ୍ତୁ। ଆପଣଙ୍କର ଯାତ୍ରା ତାରିଖ ଚୟନ କରନ୍ତୁ ଏବଂ ଆପଣ ଯେଉଁ 'ଧାମ' ପରିଦର୍ଶନ କରିବାକୁ ଚାହୁଁଛନ୍ତି ତାହା ବାଛନ୍ତୁ । ସମସ୍ତ ଆବଶ୍ୟକୀୟ ବିବରଣୀ ସହିତ ଆପଣଙ୍କର ଫଟୋଗ୍ରାଫ୍ ଅପଲୋଡ୍ କରନ୍ତୁ । ଶେଷରେ ଫର୍ମ ଦାଖଲ କରନ୍ତୁ । ତାପରେ ଆପଣ ଏକ କ୍ୟୁଆର୍ କୋଡ୍ ଏବଂ ଏକ ପାସ୍ ପାଇବେ । ଏହାକୁ ସୁରକ୍ଷିତ ରଖନ୍ତୁ କିମ୍ବା ପ୍ରିଣ୍ଟ ଆଉଟ୍ କାଢନ୍ତୁ । ମାର୍ଚ୍ଚ ୬ ତାରିଖରୁ ଅନଲାଇନ ପଞ୍ଜୀକରଣ ଆରମ୍ଭ ହୋଇଛି । ଏଯାଏଁ ୧୮.୨୩ ଲକ୍ଷ ଶ୍ରଦ୍ଧାଳୁ ଡିଜିଟାଲ ଭାବେ ରେଜିଷ୍ଟ୍ରେସନ କରିଛନ୍ତି ।

## କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର, ୨ ପ୍ରତିଶତ ବଢିଲା ମହଙ୍ଗା ଭତ୍ତା

ନୂଆଦିଲ୍ଲୀ : କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର । ସରକାରୀ କର୍ମଚାରୀଙ୍କ ପାଇଁ ୨ ପ୍ରତିଶତ ବଢ଼ିଲା ଡିଏ । ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ହେଲା ମହଙ୍ଗା ଭତ୍ତା । କେନ୍ଦ୍ର ବ୍ୟାବିନେଟ୍ ମହଙ୍ଗା ଭତ୍ତା ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁର କରିଛି । ପିଛିଲା ଭାବେ ବର୍ଦ୍ଧିତ ମହଙ୍ଗା ଭତ୍ତା ଜାନୁଆରୀ ପହିଲାରୁ ଲାଗୁ ହେବ । ଉଭୟ କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନଭୋଗୀ ଉପକୃତ ହେବେ। ଖବର ମୁତାବକ, ବ୍ୟାବିନେଟ ମିଟିଂ ଡିଏରେ ୨ ପ୍ରତିଶତ ବୃଦ୍ଧିକୁ ମଞ୍ଜୁରୀ ଦେଇଛନ୍ତି । ଏହାପୂର୍ବରୁ ଅକ୍ଟୋବରରେ ଡିଏ ୫୫ ପ୍ରତିଶତ ବଢି ୫୮ ପ୍ରତିଶତ ହୋଇଥିଲା । ପିଛିଲା ଗତ ଜୁଲାଇ ୨୦୨୫ରେ ଲାଗୁ ହୋଇଥିଲା । ଏହି ବୃଦ୍ଧି ପ୍ରାୟ ୫୦ ଲକ୍ଷ ସରକାରୀ କର୍ମଚାରୀ ଏବଂ ୬.୫ ଲକ୍ଷରୁ ଅଧିକ ପେନସନଭୋଗୀଙ୍କୁ ସିଧାସଳଖ ଲାଭ ଦେବ । କେନ୍ଦ୍ର ସରକାର ସାଧାରଣତଃ ହୋଲି ସମୟରେ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗା ଭତ୍ତା ବୃଦ୍ଧି ଘୋଷଣା କରନ୍ତି। ଏଥର ବିଳମ୍ବ ହେବା ନେଇ କର୍ମଚାରୀଙ୍କ ଚିନ୍ତା ବଢିଥିଲା ।

## ପୁଣି ଜମ୍ମୁ-କାଶ୍ମୀରରେ ଭୂକମ୍ପ ଝଟକା

ଶ୍ରୀନଗର : ଆଜି ପୁଣି ଜମ୍ମୁ-କାଶ୍ମୀରରେ ଭୂକମ୍ପ ଝଟକା । କାଶ୍ମୀର ଘାଟିର କେତକ ସ୍ଥାନରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୫.୦ ଥିବା ଜଣାପଡିଛି । ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନର ବଦାଖଶାନ ଅଞ୍ଚଳର ଯାୟବକରେ ଥିଲା । ଭୂକମ୍ପ ସକାଳ ପ୍ରାୟ ୮ ଟା ୨୪ ମିନିଟ୍ ସମୟରେ ହୋଇଥିବା ସୂଚନା ମିଳିଛି । ଏହା ୧୯୦ କିଲୋମିଟର ଗଭୀରତାରେ ଥିବା ଜଣାପଡିଛି । କିନ୍ତୁ ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବାର ରିପୋର୍ଟ ମିଳିନାହିଁ । ଭୂକମ୍ପ ହେବା ପରେ ଅନେକ ଲୋକ ଘରୁ ବାହାରକୁ ଆସିଥିଲେ । ଏହା ବ୍ୟତୀତ ଲୋକଙ୍କ ମଧ୍ୟରେ ଏହା ଆତଙ୍କ ସୃଷ୍ଟି କରିଛି । ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ଜମ୍ମୁ-କାଶ୍ମୀରରେ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର ରିକ୍ଟର ସ୍କେଲରେ ୪.୬ ତୀବ୍ରତାର ରେକର୍ଡ ହୋଇଥିଲା । ଠିକ୍ ଏହାର ୧୦ ମିନିଟ ପରେ ପୁଣି ୩.୦ ତୀବ୍ରତା ଭୂକମ୍ପ ହୋଇଥିଲା । କିନ୍ତୁ ସେହି ସମୟରେ ମଧ୍ୟ କୌଣସି କ୍ଷୟକ୍ଷତି ଘଟିନଥିଲା ।

## ସୋମବାର ଆମେରିକା-ଇରାନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ନୂଆଦିଲ୍ଲୀ: ଆସନ୍ତା ସୋମବାର ବଡ଼ ବୈଠକ । ପାକିସ୍ତାନରେ ଆମେରିକା-ଇରାନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା । ଇସଲାମାବାଦରେ ହେବ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା । ଇରାନ ପକ୍ଷରୁ ଏହି ସୂଚନା ମିଳିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆଲୋଚନାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । ଟ୍ରମ୍ପ କହିଛନ୍ତି, ଉଭୟ ଦେଶ ଏକ ବଡ଼ ସମାଧାନର ନିକଟତର ଅଛନ୍ତି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଚୁକ୍ତି ହୋଇପାରେ । ଆମେରିକା ଚାହୁଁଛି ଇରାନ ତା'ର ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରୁ । ଅନ୍ୟପଟେ ଇରାନ ଚାହୁଁଛି ତା' ଉପରୁ ସମସ୍ତ ଆର୍ଥିକ କଟକଣା ହଟାଯାଉ । ପାକିସ୍ତାନ ଏହି ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥି ଭାବେ କାର୍ଯ୍ୟ କରୁଛି । ଏହାସହ ଇରାନ କହିଛି ଯେ, ବର୍ତ୍ତମାନ ପାଇଁ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ 'ହୋର୍ମୁଜ ପ୍ରଣାଳୀ' ବ୍ୟବସାୟିକ ଜାହାଜ ପାଇଁ ଖୋଲା ରହିବ । ତେବେ ଯଦି ଆମେରିକା ନିଜର ନୌସେନା ଅବରୋଧ ନ ହଟାଏ ତେବେ ଏହାକୁ ପୁଣି ବନ୍ଦ କରାଯାଇପାରେ । ଇସ୍ରାଏଲ ଏବଂ ହିଜବୁଲ୍ଲା ମଧ୍ୟରେ ହୋଇଥିବା ୧୦ ଦିନିଆ ଯୁଦ୍ଧ ବିରତି ଏବେ ବି ଜାରି ରହିଛି ।

## ରୋହିତ ସେଟ୍ଟୀଙ୍କ ଘର ଉପରକୁ ଗୁଳି ମାଡ଼ ଘଟଣା, ଆଉ ଜଣେ ଅଭିଯୁକ୍ତକୁ ଗିରଫ କଲା ଏସଟିଏଫ

ଆଗ୍ରା: ଉତ୍ତରପ୍ରଦେଶ ଏସଟିଏଫ ହାତରେ ବଡ଼ ସଫଳତା ଲାଗିଛି । ଜଣାଶୁଣା ଲୋକପ୍ରିୟ ଫିଲ୍ମ ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ଘରେ ଗୁଳିମାଡ଼ ମାମଲାରେ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ୟୁପି ଏସଟିଏଫ ଏବଂ ମୁମ୍ବାଇ କ୍ରାଇମବ୍ରାଞ୍ଚର ଟିମ୍ ମିଳିତ ଭାବେ ଆଗ୍ରାରୁ ଅଭିଯୁକ୍ତକୁ ଧରିଛି । ଗିରଫ ହୋଇଥିବା ଅଭିଯୁକ୍ତଙ୍କ ନାମ ପ୍ରଦୀପ କୁମାର ଓରଫ ଗାଣ୍ଟୁ । ପ୍ରଦୀପ କୁଖ୍ୟାତ ସୁଶମ ଲକର ଗ୍ୟାଙ୍ଗ ସହିତ ଜଡିତ । ପୋଲିସ କହିବା ମୁତାବକ, ଅଭିଯୁକ୍ତ ଜଣକ ଘଟଣା ପରେ ବାରମ୍ବାର ଠିକଣା ପରିବର୍ତ୍ତନ କରୁଥିଲା, ଆଉ ଶେଷରେ ପୋଲିସ ହାବୁଡରେ ଧରାପଡିଥିଲା । ଏପ୍ରିଲ ୧୬ ତାରିଖରେ ଆଗ୍ରା ଏସଟିଏଫକୁ ଅଭିଯୁକ୍ତ ବିଷୟରେ ସୂଚନା ମିଳିଥିଲା । ଏହାପରେ ଟିମ୍ ସ୍ଥାନୀୟ ଅଞ୍ଚଳକୁ ଘେରାବନ୍ଦୀ କରି ଅଭିଯୁକ୍ତକୁ ଧରିଥିଲା । ମୁମ୍ବାଇ ପୋଲିସର କ୍ରାଇମବ୍ରାଞ୍ଚ ଟିମ୍ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ସୂଚନାଯୋଗ୍ୟ, ଫେବ୍ରୁଆରୀ ୧ରେ ମୁମ୍ବାଇ ଜୁହୁ ସ୍ଥିତ ରୋହିତ ସେଟ୍ଟୀଙ୍କ ଘରେ ଗୁଳିମାଡ଼ ହୋଇଥିଲା । ଫେବ୍ରୁଆରୀ ୧ ଶନିବାର ରାତି ପ୍ରାୟ ୩ଟା ସମୟରେ ଦୁର୍ବୃତ୍ତମାନେ ରୋହିତଙ୍କ ଘର ଉପରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ଫିଲ୍ମ ଇଣ୍ଡଷ୍ଟ୍ରୀରେ ଭୟର ବାତାବରଣ ଖେଳାଇବା ଏହାର ମୂଳ ଉଦ୍ଦେଶ୍ୟ ଥିଲା ।

# ଇରାନ ୟୁରାନିୟମ୍ ପଛରେ ଆମେରିକା, ଚୀନ୍ ଓ ରୁଷ୍

ତେହେରାନ: ଇରାନର ବିକଶିତ ୟୁରାନିୟମ ଭଣ୍ଡାର କ୍ରମଶଃ ଜଟିଳ ବିଶ୍ୱ ଶକ୍ତି ପ୍ରତିଯୋଗିତାର କେନ୍ଦ୍ରବିନ୍ଦୁ ପାଲଟିଛି । ଆମେରିକା, ଚୀନ୍ ଏବଂ ରୁଷ୍ ସମସ୍ତେ ଏହାର ଭବିଷ୍ୟତ ନିର୍ଣ୍ଣୟ କରିବାରେ ଭୂମିକା ଖୋଜୁଥିବାବେଳେ ତେହେରାନ ୟୁରାନିୟମ୍ ଅନ୍ୟ କାହାକୁ ହସ୍ତାନ୍ତର କରିବ ନାହିଁ ବୋଲି ଜିଦ୍ ଧରିଛି ।



ପରମାଣୁ କୂଟନୀତି ଭିତରେ ଥିବା ଏହି ବୈଷୟିକ ସମସ୍ୟା ଏବେ ଅନ୍ତର୍ଜାତୀୟ ସମ୍ପର୍କରେ ସବୁଠାରୁ ବଡ଼ ରାଜନୈତିକ ପ୍ରଶ୍ନ ମଧ୍ୟରୁ ଗୋଟିଏ ପାଲଟିଛି । ୱାସିଂଟନ ପାଇଁ ଇରାନର ୟୁରାନିୟମ ଉପରେ ନିୟନ୍ତ୍ରଣ ଅର୍ଥ ଭବିଷ୍ୟତର ଯେକୌଣସି ପରମାଣୁ ଅସ୍ତ୍ର ପଥକୁ ରୋକିବା ହୋଇପାରେ । ମସ୍କୋ ଏବଂ ବେଜିଂ ପାଇଁ ଏହା ମଧ୍ୟପ୍ରାଚ୍ୟରେ ଭବିଷ୍ୟତର ବୁଝାମଣାର ଆକୃତିକୁ ପ୍ରଭାବିତ କରିବାର ସୁଯୋଗ ପ୍ରଦାନ କରିବାକୁ ବୁଝାଏ । ଇରାନ ପାଇଁ ଏହା ସାର୍ବଭୌମତ୍ୱ, ରଣନୈତିକ ଲାଭ ଏବଂ ଜାତୀୟ ପ୍ରତିଷ୍ଠାକୁ ପ୍ରତିନିଧିତ୍ୱ କରେ ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ପରେ ଇରାନର ୟୁରାନିୟମ୍‌କୁ ନେଇ ପୁଣି ଥରେ ଚର୍ଚ୍ଚା ବଢ଼ିଥିଲା । ୟୁରାନିୟମ୍‌ର ପୁନରୁଦ୍ଧାର ପାଇଁ ଆମେରିକା ଇରାନ ସହିତ ମିଳିତ ଭାବରେ କାମ କରିବ ବୋଲି ରଏଟର୍ସକୁ ଫୋନ୍‌ରେ ସାକ୍ଷାତକାର ଦେଇ ଟ୍ରମ୍ପ କହିଥିଲେ । ୟୁରାନିୟମ୍‌କୁ ଏହାର ପ୍ରାକୃତିକ ରୂପରେ ସିଧାସଳଖ ପରମାଣୁ ଅସ୍ତ୍ରଶସ୍ତ୍ରରେ ବ୍ୟବହାର କରାଯାଇପାରିବ ନାହିଁ । ଏହାକୁ ପ୍ରଥମେ ବିକଶିତ କରାଯାଇଥାଏ, ଏକ ପ୍ରକ୍ରିୟା ଯାହା ୟୁରାନିୟମ-୨୩୫ ଆଇସୋଟୋପର ସାନ୍ଦ୍ରତାକୁ ବୃଦ୍ଧି କରେ । ତେବେ ସାଧାରଣତଃ ସ୍ୱଳ୍ପ ବିକଶିତ ୟୁରାନିୟମ ବେସାମରିକ ପରମାଣୁ ରିଆକ୍ଟର ପାଇଁ ବ୍ୟବହୃତ ହୁଏ । ଅତ୍ୟଧିକ ସମୃଦ୍ଧ ୟୁରାନିୟମକୁ ପରମାଣୁ ଅସ୍ତ୍ରରେ ବ୍ୟବହାର କରାଯାଇପାରିବ ।

ପାଶ୍ଚାତ୍ୟ ଅଧିକାରୀମାନେ ଆକଳନ କରିଛନ୍ତି ଯେ, ଇରାନରେ ବହୁ ବିକଶିତ ସ୍ତରରେ ପର୍ଯ୍ୟାପ୍ତ ପରିମାଣର ଭଣ୍ଡାର ଅଛି । ଅନ୍ତର୍ଜାତୀୟ ରିପୋର୍ଟରେ ଉଦ୍ଧୃତ ଆମେରିକାର ମୂଲ୍ୟାଙ୍କନ ଅନୁସାରେ, ଇରାନରେ ପ୍ରାୟ ୪୫୦ କିଲୋଗ୍ରାମ ୬୦ ପ୍ରତିଶତ ବିଶୁଦ୍ଧତା ପର୍ଯ୍ୟନ୍ତ ବିକଶିତ, ପ୍ରାୟ ୧୦୦୦ କିଲୋଗ୍ରାମ ୨୦ ପ୍ରତିଶତ ପର୍ଯ୍ୟନ୍ତ ସମୃଦ୍ଧ ଏବଂ ପ୍ରାୟ ୮୫୦୦ କିଲୋଗ୍ରାମ ୩.୬ ପ୍ରତିଶତ ପର୍ଯ୍ୟନ୍ତ ବିକଶିତ ହୋଇଛି । ତେବେ ଇରାନରେ ଥିବା ୬୦ ପ୍ରତିଶତ ୟୁରାନିୟମ ବିଶେଷ ଭାବରେ ସମ୍ବେଦନଶୀଳ, କାରଣ ଏହାକୁ ପ୍ରାୟ ୯୦ ପ୍ରତିଶତ ବିକଶିତ କରି ଅସ୍ତ୍ର-ଗ୍ରେଡ୍ ପର୍ଯ୍ୟନ୍ତ ସମୃଦ୍ଧି କରାଯାଇଛି, ଯେଉଁଥିପାଇଁ ଇରାନର ୟୁରାନିୟମ୍ ଉପରେ ସାରା ବିଶ୍ୱର ନଜର ରହିଛି । ତେବେ ଇରାନ ଆମେରିକାର ଏହି ଦାବିକୁ ଖଣ୍ଡନ କରିଆସୁଛି । ଏହାର ବିକଶିତ ୟୁରାନିୟମ କେବଳ ବେସାମରିକ ବ୍ୟବହାର ପାଇଁ ଉପଯୋଗୀ । ଟ୍ରମ୍ପଙ୍କ ଦ୍ୱାରା ନ୍ୟୁକ୍ଲିୟର୍ ଡଷ୍ଟ ଶବ୍ଦର ଅର୍ଥ ହେଉଛି ଇରାନର ଅବଶିଷ୍ଟ ନ୍ୟୁକ୍ଲିୟର ସାମଗ୍ରୀ ଯାହାର ଚାରିପାଖରେ ଥିବା ସୁବିଧାଗୁଡ଼ିକ ନଷ୍ଟ ହୋଇଗଲେ ମଧ୍ୟଏହାର ରଣନୈତିକ ମୂଲ୍ୟ ରହିପାରେ । ଇରାନର ପରମାଣୁ ଭିତ୍ତିଭୂମି ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ କରିଆସୁଛନ୍ତି । ଗତବର୍ଷ ଜୁନ୍ ?ରେ ହୋଇଥିବା ଯୁଦ୍ଧ ଓ ଫେବ୍ରୁଆରି ୨୮ରୁ ଆରମ୍ଭ ହୋଇଥିବା ଯୁଦ୍ଧରେ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ହେଉଛି । ଇରାନର ୟୁରାନିୟମକୁ ହଟାଇବା ହେଉଛି ତେହେରାନର ପରମାଣୁ ଅସ୍ତ୍ର ଆଡ଼କୁ ଶୀଘ୍ର ଅଗ୍ରସର ହେବାର କ୍ଷମତାକୁ ହ୍ରାସ କରିବାର ସବୁଠାରୁ ସିଧାସଳଖ ଉପାୟ । କିନ୍ତୁ ଇରାନରେ ଏହା କେବଳ ପରମାଣୁ ବିଜ୍ଞାନ ସହିତ ଜଡ଼ିତ ନୁହଁ, ବରଂ ଏହା ରାଜନୀତି, ସମ୍ମାନ ଓ ସାର୍ବଭୌମତ୍ୱ ସହିତ ଯୋଡ଼ି ହୋଇ ରହିଛି । ଅନ୍ୟପକ୍ଷରେ ଇରାନର ସହିତ ଉତ୍ତମ କୂଟନୈତିକ ସମ୍ପର୍କ ଥିବାରୁ ରୁଷ୍ ଓ ଚୀନ୍ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ସେମାନଙ୍କ ପ୍ରଭାବ ହ୍ରାସ କରିବାକୁ ଚାହୁଁ ନାହାନ୍ତି । ସୁଯୋଗର ଉପଯୋଗ କରିବାକୁ ଉଭୟ ରୁଷ୍ ଓ ଚୀନ୍ ଚାହୁଁଛନ୍ତି ।

## ପୁଣେ ଏୟାରପୋର୍ଟରେ ଭାରତୀୟ ବାୟୁସେନାର ହାର୍ଡ ଲ୍ୟାଣ୍ଡିଂ, ଅନେକ ଉଡାଣ ବାତିଲ

ମହାରାଷ୍ଟ୍ର : ମହାରାଷ୍ଟ୍ରର ପୁଣେ ଏୟାରପୋର୍ଟରେ ବିମାନ ଚଳାଚଳ ପୁଣି ଆରମ୍ଭ ହୋଇଛି । ଶୁକ୍ରବାର ଏହା ଭାରତୀୟ ବାୟୁସେନାର ଏକ ବିମାନର ହାର୍ଡ ଲ୍ୟାଣ୍ଡିଂ କରିଛି । ଯାହା ରନୱେକୁ କ୍ଷତି ପହଞ୍ଚାଇଛି । ଫଳରେ ସମସ୍ତ ବିମାନ ଚଳାଚଳ ହେବାକୁ ଥିବା ବିମାନକୁ ସ୍ଥଗିତ ରଖାଯାଇଛି । ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଥିଲା ଏବଂ ଶନିବାର ସକାଳ ସୁଦ୍ଧା ରନୱେ ସମ୍ପୂର୍ଣ୍ଣ ମରାମତି କରାଯାଇଥିଲା । ପ୍ରଥମ ବିମାନ ସକାଳ ୭ ଟା ୩୦ ମିନିଟରେ ଉଡ଼ାଣ ଆରମ୍ଭ କରିଥିଲା ଏବଂ ସକାଳ ୮ ଟା ସୁଦ୍ଧା ଅବତରଣ ଆରମ୍ଭ ହୋଇଥିଲା । ଶନିବାର ରାତି ସୁଦ୍ଧା ଯାତାୟାତ ସ୍ୱାଭାବିକ ହୋଇଯିବ ବୋଲି ଆଶା କରାଯାଉଛି ।




ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଭାରତୀୟ ବାୟୁସେନା କହିଛି ଯେ ପୁଣେ ବିମାନବନ୍ଦରର ରନୱେ ଏହାର ଏକ ବିମାନ ସହିତ ଏକ ଘଟଣା ପରେ ଅସ୍ଥାୟୀ ଭାବରେ ଅନୁପଲବ୍ଧ ଥିଲା ଏବଂ ରନୱେର ସୁଗମ ପରିଚାଳନା ପୁନଃସ୍ଥାପନ କରିବା ପାଇଁ ପ୍ରୟାସ ଚାଲିଛି । ଆଇଏଏଫ୍ ସୋସିଆଲ ମିଡିଆରେ କହିଛି ଯେ, ବିମାନର କର୍ମଚାରୀମାନେ ସୁରକ୍ଷିତ ଅଛନ୍ତି ଏବଂ ସିଭିଲ୍ ପ୍ରପର୍ଟିର କୌଣସି କ୍ଷତି ହୋଇନାହିଁ । ରନୱେକୁ ପୁଣି ଖୋଲିବାକୁ ଏବଂ ଖୁବ୍ ଶୀଘ୍ର ସ୍ୱାଭାବିକ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରୟାସ ଚାଲିଛି । ଏହାରି ମଧ୍ୟରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ଆଇଏଏଫ୍ ବିମାନ ଏକ ହାଇ ଲ୍ୟାଣ୍ଡିଂ କରିଛି । କିନ୍ତୁ ସେ ଅଧିକ ସୂଚନା ଦେଇନାହାଁନ୍ତି । ଅନ୍ୟପଟେ ପୁଣେ ଅନ୍ତର୍ଜାତୀୟ ବିମାନବନ୍ଦର ଅଧିକାରୀଙ୍କ ଅନୁଯାୟୀ, ରାତି ପ୍ରାୟ ୧୦ଟା ୨୫ ମିନିଟ୍ ସମୟରେ ଲଢୁଆ ବିମାନ ଅବତରଣ କରିବା ସମୟରେ ତ୍ରୁଟି ଦେଖାଦେଇଥିଲା । ଫଳରେ ରନୱେ କ୍ଷତିଗ୍ରସ୍ତ ହୋଇଥିଲା । ରନୱେରେ ପରିସ୍ଥିତିକୁ ସଂଶୋଧନ କରିବା ଏବଂ ସ୍ୱାଭାବିକ କାର୍ଯ୍ୟ ପୁନଃସ୍ଥାପିତ କରିବାକୁ ୪ ରୁ ୫ ଘଣ୍ଟା ସମୟ ଲାଗିବ ବୋଲି ସୂଚନା ମିଳୁଛି । ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ବିମାନବନ୍ଦରରେ ରନୱେ କାର୍ଯ୍ୟ ସ୍ଥଗିତ ରଖିବା ସମ୍ପର୍କରେ ନିଶ୍ଚିତ କରିଛନ୍ତି।, ଏଥିସହ ଏହି ଘଟଣା ସମ୍ପର୍କରେ ମୋହୋଲ ଢ ରେ ସୂଚନା ଦେଇଛନ୍ତି । ସେପଟେ ରନୱେ ସମସ୍ୟା ଯୋଗୁଁ ୬୫ ଟି ଇଣ୍ଡିଗୋ ବିମାନ ବାତିଲ କରାଯାଇଛି ବୋଲି ବିମାନବନ୍ଦରର ନିର୍ଦ୍ଦେଶକ କହିଛନ୍ତି। ଏଥି ମଧ୍ୟରୁ ୩୧ ଟି ଲ୍ୟାଣ୍ଡିଂ କରିବାକୁ ସ୍ଥିର କରାଯାଇଥିବାବେଳେ ୩୪ ଟି ଉଡାଣ ସ୍ଥିର କରାଯାଇଥିଲା । ୬ଟି ଏୟାର ଇଣ୍ଡିଆ ବିମାନ, ସ୍ୱାଇସ୍ ଜେଟର ୨ଟି, ଆକାସା ଏୟାରର ୨ଟି, ଏୟାର ଏକ୍ସପ୍ରେସର ୫ଟି ଉଡାଣକୁ ବାତିଲ କରାଯାଇଥିଲା ।

## ନାଗରିକତା ମିଳିବା ପୂର୍ବରୁ ଭୋଟର ପରିଚୟପତ୍ରରେ ନାମ ମାମଲା: ସୋନିଆ ଗାନ୍ଧୀଙ୍କୁ କୋର୍ଟଙ୍କ ଜବାବ ତଲବ

ନୂଆଦିଲ୍ଲୀ: ଭୋଟର ତାଲିକାରେ ସୋନିଆ ଗାନ୍ଧୀଙ୍କ ନାମ ସାମିଲ କରିବା ନେଇ ତାଙ୍କ ବିରୋଧରେ ଦାୟର ଏକ ଫୌଜଦାରୀ ପୁନଃନିରୀକ୍ଷଣ ଆବେଦନର ଶୁଣାଣି ଶନିବାର ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ ହୋଇଛି । କୋର୍ଟ ସୋନିଆ ଗାନ୍ଧୀଙ୍କ ଆଇନଜୀବୀଙ୍କୁ ଜବାବ ତଲବ କରି ଏକ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ତାଙ୍କର ସମସ୍ତ ଯୁକ୍ତି ଉପସ୍ଥାପନ କରିଛନ୍ତି ଏବଂ ନିର୍ବାଚନ କମିସନଙ୍କଠାରୁ ଏକ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି । ଶୁଣାଣି ସମୟରେ, ସୋନିଆ ଗାନ୍ଧୀଙ୍କ ଆଇନଜୀବୀ କହିଥିଲେ ଯେ, ସେ ତାଙ୍କ ମହକିଲଙ୍କ ସପକ୍ଷରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଉପସ୍ଥାପନ କରିବାକୁ ଚାହାଁନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ମେ ୧୬ ରେ ହେବ । ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ, ସୋନିଆ ଗାନ୍ଧୀ ଭାରତୀୟ ନାଗରିକ ହେବା ପୂର୍ବରୁ ଭୋଟର ତାଲିକାରେ ତାଙ୍କ ନାମ ବେଆଇନ ଭାବରେ ଯୋଡିଥିଲେ । ମାମଲାର ପ୍ରାରମ୍ଭରେ ମାର୍ଚ୍ଚ ୩୦ ତାରିଖରେ ଆଂଶିକ ଶୁଣାଣି ହୋଇଥିଲା, ଯାହା ପରେ ଏହାକୁ ସ୍ଥଗିତ ରଖାଯାଇଥିଲା । ସେହି ସମୟରେ, କୋର୍ଟ କହିଥିଲେ, ପ୍ରତିରକ୍ଷା ପକ୍ଷ ଏପ୍ରିଲ ୧୮ ତାରିଖରେ ତାଙ୍କର ଯୁକ୍ତି ଉପସ୍ଥାପନ କରିବେ । ଆଇନଜୀବୀ ବିକାଶ ତ୍ରିପାଠିଙ୍କ ଦ୍ୱାରା ଦାୟର ଏହି ଆବେଦନରେ ସୋନିଆ ଗାନ୍ଧୀଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଛି । ମାମଲା ଅନୁଯାୟୀ, ଅଭିଯୋଗ କରାଯାଇଛି ଯେ ସୋନିଆ ଗାନ୍ଧୀ ୧୯୮୩ ମସିହାରେ ଭାରତୀୟ ନାଗରିକତା ଗ୍ରହଣ କରିଥିଲେ ମଧ୍ୟ ୧୯୮୦ ମସିହାରେ ଭୋଟର ତାଲିକାରେ ତାଙ୍କର ନାମକୁ ସାମିଲ କରାଯାଇଥିଲା । ଦାବି କରାଯାଇଛି ଯେ, ୧୯୮୦ ମସିହାରେ ଯୋଡାଯିବା ପରେ, ୧୯୮୨ ମସିହାରେ ତାଙ୍କ ନାମ ହଟାଯାଇଥିଲା ଏବଂ ୧୯୮୩ ମସିହାରେ ପୁନଃ ଯୋଡାଯାଇଥିଲା । ଏହା ପ୍ରଶ୍ନ ଉଠାଉଛି ଯେ ୧୯୮୦ ମସିହାରେ ତାଙ୍କ ନାମ ଭୋଟର ତାଲିକାରେ କିପରି ଅନ୍ତର୍ଭୁକ୍ତ ହୋଇଥିଲା । ଆବେଦନକାରୀ ଅଭିଯୋଗ କରିଛନ୍ତି, ଜାଲିଆତି ଏବଂ ରାଜନୈତିକ ପ୍ରଭାବ ଯୋଗୁଁ ତାଙ୍କ ନାମ ସେହି ସମୟରେ ଯୋଡା ଯାଇଥିଲା ।

## ହର୍ମୁଜ ସଙ୍କଟ ମଧ୍ୟରେ ଟ୍ରମ୍ପଙ୍କ ବଡ଼ ନିଷ୍ପତ୍ତି, ରୁଷଠାରୁ ତୈଳ କ୍ରୟ କରିବ ଭାରତ

ଆମେରିକା : ହର୍ମୁଜ୍ ସଙ୍କଟ ମଧ୍ୟରେ ଆମେରିକା ରୁଷଠାରୁ ଭାରତର ତୈଳ କ୍ରୟ ଛାଡ଼କୁ ବୃଦ୍ଧି କରିଛି । ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ ଆମେରିକା ଛାଡ଼କୁ ବୃଦ୍ଧି କରିବ ନାହିଁ ବୋଲି କହିବାର ମାତ୍ର ଦୁଇ ଦିନ ପରେ ଟ୍ରମ୍ପ ପ୍ରଶାସନର ଏହି ନିଷ୍ପତ୍ତି ସାମ୍ନାକୁ ଆସିଛି । ଆମେରିକା ଆଉ ଗୋଟିଏ ମାସ ପାଇଁ ଏହି ଛାଡ଼କୁ ବୃଦ୍ଧି କରିଛି । ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଏକ ଲାଇସେନ୍ସ ଜାରି କରିଛି ଆମେରିକାର ଟ୍ରେଜେରୀ ବିଭାଗ । ଯାହା ଦ୍ୱାରା ରୁଷୀୟ ତୈଳ ପରିବହନ କରୁଥିବା ଜାହାଜଗୁଡ଼ିକୁ ମେ ୧୬ ପର୍ଯ୍ୟନ୍ତ ପରିବହନ ପାଇଁ ଅନୁମତି ଦିଆଯାଇଛି । ଟ୍ରମ୍ପଙ୍କ ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ ସାର୍ବଜନୀନ ଭାବରେ ସୂଚାଇ ଦେବାର ମାତ୍ର ଦୁଇ ଦିନ ପରେ ଏହି ପଦକ୍ଷେପ ନିଆଯାଇଛି । ଛାଡ଼ ବୃଦ୍ଧି କରିବାର କୌଣସି ଯୋଜନା ନାହିଁ । ଏଥିସହ ଏହି ନୂତନ ଅନୁମତି ପୂର୍ବ ୩୦ ଦିନର ଛାଡ଼ ପରେ କାର୍ଯ୍ୟକାରୀ ହେବ ।



ଏହି ଛାଡ଼ ଅନୁଯାୟୀ କୌଣସି ଦେଶ ଇରାନ, କ୍ୟୁବା ଏବଂ ଉତ୍ତର କୋରିଆରୁ ତେଲ କିଣି ପାରିବେ ନାହିଁ । ଏହାରି ମଧ୍ୟରେ "ଆମେ ରୁଷୀୟ ତେଲ ଏବଂ ଇରାନୀ ତେଲ ପାଇଁ ସାଧାରଣ ଲାଇସେନ୍ସ ନବୀକରଣ କରିବୁ ନାହିଁ । ଏହା ତେଲ ଥିଲା ଯାହା ମାର୍ଚ୍ଚ ୧୧ ପୂର୍ବରୁ ଜାହାଜରେ ଲୋଡ୍ କରାଯାଇଥିଲା । ତେଣୁ ଏହାକୁ ସମ୍ପୂର୍ଣ୍ଣ ବ୍ୟବହାର କରାଯାଇଛି," ବେସାଣ୍ଟ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ । ତଥାପି, ଆମେରିକାର ଏହି ପଦକ୍ଷେପକୁ ଆମେରିକୀୟ ଆଇନ ପ୍ରଣୟନକାରୀମାନେ ସମାଲୋଚନା କରିଥିଲେ । କଟକଣା ଛାଡ଼ ଇରାନର ଅର୍ଥନୀତିକୁ ଆମେରିକା ସହିତ ଯୁଦ୍ଧ ସମୟରେ ସାହାଯ୍ୟ କରିବ । ସେହିପରି, ରୁଷ ଉପରେ କଟକଣା ଉଠାଇବା ଦ୍ୱାରା ଏହାର ଅର୍ଥନୀତି ମଧ୍ୟ ସାହାଯ୍ୟ କରିବ । ଅନ୍ୟପଟେ ରୁଷ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ପ୍ରତିନିଧି କିରିଲ୍ ଡିମିଟ୍ରିଭ୍ କହିଛନ୍ତି ଯେ, ପ୍ରଥମ ଛାଡ଼ ଦ୍ୱାରା ୧୦୦ ନିୟୁତ ବ୍ୟାରେଲ୍ ରୁଷ ଅଶୋଧିତ ତୈଳ ମୁକ୍ତ ହେବ । ଯଦିଓ ଏହି କଟକଣା ମୁକ୍ତି ଅସ୍ଥାୟୀ ଭାବରେ ବିଶ୍ୱ ତୈଳ ଯୋଗାଣ ବୃଦ୍ଧି କରିପାରେ, ଇରାନର ହରମୁଜ୍ ପ୍ରଣାଳୀର ଆଂଶିକ ବନ୍ଦ ହେବା ଫଳରେ ପେଟ୍ରୋଲିୟମ୍ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଛି । ଯୁଦ୍ଧ ପୂର୍ବରୁ, ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଏବଂ ଗ୍ୟାସ ହରମୁଜ୍ ପ୍ରଣାଳୀ ଦେଇ ପରିବହନ ହେଉଥିଲା ।

# ସଙ୍କଟରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକ ପଦ

**ମୁମ୍ବାଇ,୧୮।୪:** ଚଳିତ ଆପିଏପିଏଲ ସିଜିନ୍‌ରେ ପାଞ୍ଚଥରର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସର ଅବସ୍ଥା ଏବେ ଅତି ଶୋଚନୀୟ। ରୋହିତ ଶର୍ମାଙ୍କ ପରେ ଦଳର ମଙ୍ଗ ଧରିଥିବା ହାର୍ଦ୍ଦିକ ପାଣ୍ଡ୍ୟା କ୍ରମାଗତ ଭାବେ ଫ୍ଲପ୍ ସାବ୍ୟସ୍ତ ହେଉଛନ୍ତି। ପଞ୍ଜାବ ବିପକ୍ଷରେ ପରାଜୟ ସହ ମୁମ୍ବାଇ ଚଳିତ ସିଜିନରେ କ୍ରମାଗତ ଚତୁର୍ଥ ପରାଜୟର ସମ୍ମୁଖୀନ ହୋଇଛି। ମାତ୍ର ଦଳର ଏଭଳି ଦୁର୍ଦ୍ଦଶା ପାଇଁ କାହାକୁ ଦାୟୀ କରାଯିବ ସେ ନେଇ ଖୋଦ୍ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଅନ୍ଧାରରେ ଅଛନ୍ତି। ପରାଜୟ ପରେ ହାର୍ଦ୍ଦିକଙ୍କ 'କନଫ୍ୟୁଜଡ୍' ବୟାନ ଏବେ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି। ପରାଜୟ ପରେ ପୋଷ୍ଟ-ମ୍ୟାଚ୍ ପ୍ରେଜେଣ୍ଟେସନରେ ହାର୍ଦ୍ଦିକଙ୍କୁ ଯେତେବେଳେ ପଚରାଗଲା ଯେ ଦଳ କେଉଁଠି ଭୁଲ୍ କରୁଛି? ସେ ସିଧାସଳଖ ଉତ୍ତର ଦେଇ କହିଥିଲେ, 'ସତ କହିବାକୁ ଗଲେ, ଆମେ କେଉଁଠି ଭୁଲ୍ କରୁଛୁ ସେ ନେଇ ମୋର କୌଣସି ଧାରଣା ନାହିଁ। 'ଜଣେ ଅଧିନାୟକ ଯେତେବେଳେ କୁହନ୍ତି ଯେ ତାଙ୍କର କୌଣସି ଆଇଡିଆ ନାହିଁ, ସେତେବେଳେ ତାଙ୍କର ନେତୃତ୍ୱ ନେବାର ଦକ୍ଷତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏପରି ବୟାନ ଶୁଣିବା ପରେ ସୋସିଆଲ ମିଡିଆରେ କ୍ରିକେଟ ପ୍ରେମୀମାନେ ତାଙ୍କୁ ଜୋରଦାର ସମାଲୋଚନା କରୁଛନ୍ତି। ଜଣେ କ୍ୟାପ୍‌ଟେନଙ୍କ କାମ ହେଉଛି ଭୁଲ୍ ଖୋଜି ତାକୁ ସୁଧାରିବା, ମାତ୍ର ହାର୍ଦ୍ଦିକ ପରାଜୟକୁ ଅତି ସହଜରେ ଗ୍ରହଣ କରିନେବା ଦଳ ପାଇଁ ବିପଦ ସଙ୍କେତ। ହାର୍ଦ୍ଦିକ ପାଣ୍ଡ୍ୟା କେବଳ ଅଧିନାୟକତ୍ୱରେ




ନୁହେଁ, ବରଂ ବ୍ୟକ୍ତିଗତ ପ୍ରଦର୍ଶନରେ ମଧ୍ୟ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅଲରାଉଣ୍ଡର ଭାବେ ଦଳରେ ସାମିଲ ହୋଇଥିବା ହାର୍ଦ୍ଦିକ ନା ବ୍ୟାଟ୍ରେ କିଛି କମାଲ କରିପାରୁଛନ୍ତି, ନା ବୋଲିଂରେ ୱିକେଟ୍ ନେଇ ପାରୁଛନ୍ତି। ଗତ ୪ଟି ମ୍ୟାଚ୍‌ରେ ଦଳର ମିଡିଲ୍ ଅର୍ଡରର ତାସର ଘର ଭଳି ଭୁଶୁଡ଼ି ପଡ଼ିଥିଲେ ମଧ୍ୟ ହାର୍ଦ୍ଦିକ କୌଣସି ପ୍ରଭାବଶାଳୀ ନିଷ୍ପତ୍ତି ନେଇପାରି ନାହାନ୍ତି। ସିଜିନ ଆରମ୍ଭରୁ ତାଙ୍କର ଏଭଳି ଆଭିମୁଖ୍ୟ ଏବଂ ଏବେ ପରାଜୟ ପରେ ଅସହାୟତା ତାଙ୍କୁ ଟ୍ରୋଲରଙ୍କ ଶିକାର ବନାଇଛି। ମୁମ୍ବାଇ ଇଣ୍ଡିଆନ୍ସର ପ୍ରଶଂସକ ମାନେ ଏବେ ଖୋଲାଖୋଲି ଭାବେ ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କୁ ଝୁରୁଛନ୍ତି। ଯେଉଁ ଦଳ ୫ ଥର ଟାଇଟଲ୍ ଜିତିଥିଲା, ସେହି ଦଳ ଏବେ ପଏଣ୍ଟ ଟେବୁଲର ସବୁଠାରୁ ତଳେ ରହିଛି । ହାର୍ଦ୍ଦିକ ପାଣ୍ଡ୍ୟା ଯେଉଁଭଳି ଭାବେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ହେଉଛନ୍ତି, ତାହା ଦର୍ଶାଉଛି ଯେ ମୁମ୍ବାଇ ଇଣ୍ଡିଆନ୍ସ ଏବେ ଏକ ବଡ଼ ସଙ୍କଟ ଦେଇ ଗତି କରୁଛି। ଋଷଭ ପନ୍ତଙ୍କ ଭଳି ଯୁବ ଅଧିନାୟକମାନେ ନିଜ ନିଜ ଟିମ୍ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ବେଳେ ହାର୍ଦ୍ଦିକଙ୍କ ବୟାନ ଟିମ୍ ମ୍ୟାନେଜମେଣ୍ଟକୁ ମଧ୍ୟ ଚିନ୍ତାରେ ପକାଇଛି। ଯଦି ଆଗାମୀ ମ୍ୟାଚଗୁଡ଼ିକରେ ହାର୍ଦ୍ଦିକ ନିଜର ରଣନୀତି ବଦଳାଇବାରେ ବିଫଳ ହୁଅନ୍ତି, ତେବେ ମୁମ୍ବାଇ ପାଇଁ ପ୍ଲେ-ଅଫ୍ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇପାରେ। ଖାଲି ସେତିକି ନୁହେଁ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକ ପଦ ମଧ୍ୟ ବିପଦରେ ପଡ଼ିପାରେ। ହାର୍ଦ୍ଦିକଙ୍କ ଏଭଳି ଦିଗହରା ନେତୃତ୍ୱକୁ ଦେଖି ଏବେ ମୁମ୍ବାଇ ଇଣ୍ଡିଆନ୍ସର ଭବିଷ୍ୟତକୁ ନେଇ ଆଶଙ୍କା ପ୍ରକାଶ ପାଇଛି । ପରାଜୟର ସମୀକ୍ଷା କରିବା ପରିବର୍ତ୍ତେ? 'ଆଇଡିଆ ନାହିଁ' କହିବା ଜଣେ ଅଧିନାୟକଙ୍କ ଅପାରଗତାକୁ ଦର୍ଶାଉଛି।

## ଆଗକୁ କଠିନ ସମୟ

**କୋଲକାତା,୧୮।୪:** ଚଳିତ ଆଇପିଏଲ୍ କୋଲକାତା ନାଇଟ୍ରାଇଡର୍ସ ପାଇଁ ଏକ ଦୁଃସ୍ୱପ୍ନ ସଦୃଶ ହୋଇଛି। ଦଳ ନିଜର ପ୍ରଥମ ୬ଟି ମ୍ୟାଚ୍ ହାରିସାରିଛି ଓ ପ୍ରତିଯୋଗିତାରେ ଏହାର ଆଶା କ୍ଷୀଣ ହୋଇଆସୁଛି। ଦଳର ଏହି ଖରାପ ପ୍ରଦର୍ଶନ ପାଇଁ ଅଜିଙ୍କ୍ୟ ରାହାଣେଙ୍କ ଦୁର୍ବଳ ନେତୃତ୍ୱକୁ ଦିଆଯାଉଛି। ଏପରିକି ରାହାଣେଙ୍କୁ ପୂର୍ବତନ କ୍ରିକେଟର କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ ଅଧିନାୟକ ଦାୟିତ୍ୱରୁ



ମୁକ୍ତ କରି ସୁନୀଲ ନାରାୟଣଙ୍କୁ ଦେବାକୁ ପ୍ରସ୍ତାବ ଦେଇଛନ୍ତି। ଏସବୁ ସମାଲୋଚନା ମଧ୍ୟରେ ମୁହଁ ଖୋଲିଛନ୍ତି ରାହାଣେ। ସେ କହିଛନ୍ତି ଯେ ଆଗକୁ କଠିନ ସମୟ ପାଇଁ ଦଳକୁ ପ୍ରସ୍ତୁତ ରହିବାକୁ ହେବ। ଖେଳାଳିମାନଙ୍କୁ ନିଜର ସର୍ବୋତ୍ତମ ପ୍ରଦର୍ଶନ ଦେବାକୁ ହେବ, ସକାରାତ୍ମକ ମନୋଭାବ ନେଇ ମୁକ୍ତ ଭାବରେ ଖେଳିବାକୁ ହେବ। ଖେଳାଳିଭାବରେ ପରସ୍ପରକୁ ସମର୍ଥନ କରିବାକୁ ହେବ ଓ ପରସ୍ପରର ସଫଳତାକୁ ଉପଭୋଗ କରିବାକୁ ହେବ। ସେ ଦଳର ବୋଲିଂ ବିଭାଗର ଦୁର୍ବଳତା କଥା ସ୍ୱୀକାର କରି କହିଛନ୍ତି ଯେ ପାୱାରପ୍ଲେରେ ବୋଲିଂ କରୁଥିବା ବୋଲରମାନଙ୍କର ଯଥେଷ୍ଟ ଅଭିଜ୍ଞତା ନାହିଁ।

## ଆର୍ଜେଣ୍ଟିନାକୁ ହରାଇଲା ଭାରତୀୟ ମହିଳା ହକି ଦଳ

**ନୂଆଦିଲ୍ଲୀ,୧୮।୪:** ଶେଷ ମ୍ୟାଚରେ ଏକ ରୋମାଞ୍ଚକର ବିଜୟ ସହ ଭାରତୀୟ ମହିଳା ହକି ଦଳ



ନିଜର ଆର୍ଜେଣ୍ଟିନା ଗସ୍ତ ଶେଷ କରିଛି। ଶୁକ୍ରବାର ଖେଳାଯାଇଥିବା ଶେଷ ମ୍ୟାଚ୍ ନିୟମିତ ସମୟରେ ଅମିମାଂସିତଭାବେ ଶେଷ ହେବା ପରେ ସୁଟ୍‌ଆଉଟରେ ଭାରତ ୩-୨ରେ ଘରୋଇ ଦଳକୁ ପରାସ୍ତ କରିଥିଲା। ଏପ୍ରିଲ ୧୩ରୁ ଆରମ୍ଭ ହୋଇଥିବା ଏହି ଗସ୍ତର ପ୍ରଥମ ଦୁଇଟି ମ୍ୟାଚ ଭାରତ ପାଇଁ ବେଶ କଷ୍ଟକର ଥିଲା। ଆର୍ଜେଣ୍ଟିନା ୧୩ ତାରିଖରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ୪-୨ ଗୋଲ୍‌ରେ ଓ ୧୪ ତାରିଖରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ୨-୧ ଗୋଲ୍‌ରେ ଭାରତକୁ ପରାସ୍ତ କରିଥିଲା। ତେବେ ଏପ୍ରିଲ ୧୬ରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ଭାରତ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୨-୧ରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍‌ରେ ବିଜୟ ସହ ଭାରତ ଏହି ଶୃଙ୍ଖଳାକୁ ୨-୨ରେ ଡ୍ର ରଖିଛି। ଦଳର ଏହି ବିଜୟ ସମ୍ପର୍କରେ ଅଧିନାୟିକ ନବନୀତ କୌର କହିଛନ୍ତି ଯେ ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜୟ ପରେ ଆମ ଦଳ ଯେପରି ଜବାବ ଦେଲା ସେଥିପାଇଁ ସେ ଗର୍ବିତ। ଆର୍ଜେଣ୍ଟିନା ପରି ଏକ ବିଶ୍ୱସ୍ତରୀୟ ଦଳ ବିପକ୍ଷରେ ୨-୦ରେ ପଛୁଆ ଥାଇ ପ୍ରତ୍ୟାବର୍ତ୍ତନ କରିବା ସହଜ କଥା ନୁହେଁ, କିନ୍ତୁ ଆମ ଦଳ ଦୃଢ ମନୋବଳ ଦେଖାଇଥିଲା। ଦୁଇଟି ଲଗାତାର ବିଜୟ ବଡ଼ ମଞ୍ଚର ଚାପ ସହିବାକୁ ପ୍ରସ୍ତୁତ।

## ପ୍ରଶିକ୍ଷକ ନାଭାଲ ସିଂହଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

**ନୂଆଦିଲ୍ଲୀ,୧୮।୪:** ଯୁଗଳ ପାରାଅଲିମ୍ପିକ୍ସ (୨୦୨୦, ୨୦୨୪) ସ୍ୱର୍ଣ୍ଣ ପଦକ ବିଜେତା ସୁମିତ ଆଣ୍ଟିଲ୍ ଭାରତୀୟ କ୍ରୀଡ଼ା ପ୍ରାଧିକରଣକୁ ପଠାଇଥିବା ଅଭିଯୋଗରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ପ୍ରଶିକ୍ଷକ ନାଭାଲ ସିଂହଙ୍କ ବିରୋଧରେ ମାନସିକ ନିର୍ଯାତନା ସହ ଗାଳିଗୁଲଜ କରିବା ଏବଂ ନିୟମିତ ଭାବେ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଯୁଗଳ ଅଲିମ୍ପିକ୍ସ ପଦକ ବିଜେତା ତଥା ଭାରତୀୟ ଜାଭଲିନ କିଂବଦନ୍ତି ନୀରଜ ଚୋପ୍ରାଙ୍କ ମଧ୍ୟ ସୁମିତଙ୍କ ଅଭିଯୋଗକୁ ସମର୍ଥନ କରିଛନ୍ତି। ନାଭାଲଙ୍କ ବ୍ୟବହାର ଓ ଅଚାରବିଚାର ଖେଳାଳିଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଏ ଏବଂ ଏହା ସେମାନଙ୍କ କ୍ୟାରିୟର୍ ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି କହିଛନ୍ତି ନୀରଜ। ସେହିଭଳି ନାଭାଲ ଆମମାନଙ୍କ ପରିବାରକୁ ଗାଳିଗୁଲଜ କରି



ପେସାଦର ସୀମାର ସବୁ ରେଖା ପାର କରି ଯାଇଛନ୍ତି ବୋଲି ସେ କହିଛନ୍ତି। ଏଫ୍-୬୪ ବର୍ଷରେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସର ପ୍ରମୁଖ ପଦକ ଦାବିଦାର ଆଣ୍ଟିଲ ନିଜ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି ଯେ ନାଭାଲ ଆମର ମାନସିକ ଶୋଷଣ କରି ଆସୁଛନ୍ତି। ମୋ ଓ ନୀରଜ ବିଷୟରେ ଖରାପ କଥା କହିଛନ୍ତି। ସେ ମାନସିକ ଭାବେ ଅସ୍ଥିର ବୋଲି ମୋର ହୃଦୟଙ୍ଗମ ହୁଏ। ବିଗତ କିଛି ଦିନ ହେବ ଏହାର ମାତ୍ରା ବଢ଼ି ଚାଲିଛି। ଏପରିକି ଆମକୁ ଗାଳିଗୁଲକ କରିବାର ଭିଡିଓ ଉତ୍ତୋଳନ କରି ପ୍ରବନ୍ଧଙ୍କମାନଙ୍କ ପାଖକୁ ବି ପଠାନ୍ତି। ଏଣୁ ବାଧହୋଇ ମୁଁ ସାଇର ଦ୍ୱାରସ୍ଥ ହୋଇଛି। ନୀରଜ ମଧ୍ୟ ମୋତେ ଏହି କ୍ଷେତ୍ରରେ ସମର୍ଥନ କରିଛନ୍ତି। ସୁମିତଙ୍କଠାରୁ ଅଭିଯୋଗ ପାଇଥିବା ସାଇ ସ୍ପଷ୍ଟ କରିଛି ସାଇ। ସେହିଭଳି ନାଭାଲ ଆମ ନିଯୁକ୍ତି ତାଲିକାରେ ନାହାନ୍ତି। ତାଙ୍କୁ ଜାତୀୟ ପ୍ରଶିକ୍ଷଣ ଶିବିର ଲାଗି ଭାରତୀୟ ଦୌଡକୁଦ ସଂଘ ନିଯୁକ୍ତି ଦେଇଛି। ଏଣୁ ଏଫ୍‌ଆଇକୁ ଅଭିଯୋଗ ପଠାଇ ଦିଆଯାଇଛି ବୋଲି କହିଛି। ନାଭାଲ ୨୦୧୫ ମସିହାରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଥିଲେ। ସଂପ୍ରତି ସେ ଅନ୍ୟତମ ଭାରତୀୟ ଜାଭଲିନ୍ ତାରକା ସଚିନ ଯାଦବଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିଅନସିପ୍ରେ ନୀରଜ (୮)ଙ୍କୁ ପଛରେ ପକାଇ ସଚିନ ଚତୁର୍ଥ ସ୍ଥାନରେ ରହିଥିଲେ। ଏପର୍ଯ୍ୟନ୍ତ କିନ୍ତୁ ସେ ଏହି ମାମଲାରେ ନିଜ ପକ୍ଷ ରଖି ନାହାନ୍ତି। ତେବେ ଅଭିଯୋଗ ପାଇବା ପରେ ମଧ୍ୟ ସାଇ ଚୁପ୍‌ଚାପ୍ ବସିଥିବାରୁ ସୁମିତ ଘୋର ଅସନ୍ତୋଷ ଜାହିର କରିଛନ୍ତି।

## ଆଇପିଏଲ୍ ମଞ୍ଚରେ ଆରସିବିର ସବୁଜ ବିପ୍ଳବ

**ବେଙ୍ଗାଲୁରୁ,୧୮।୪:** ପଡ଼ିଆରେ ଆର୍ସିବିର ପରିବେଶ ଚିନ୍ତା। ଶନିବାର ଚିନ୍ନାସ୍ୱାମୀରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ନିଜର ଚିରାଚରିତ ଲାଲ୍ ଜର୍ସି ବଦଳରେ ସବୁଜ ଜର୍ସି ପିନ୍ଧିବ ଆର୍ସିବି। ବିଶ୍ୱକୁ ପରିବେଶ ସୁରକ୍ଷା ଓ ସ୍ଥାୟୀତ୍ୱର ବାର୍ତ୍ତା ପ୍ରଦାନ କରିବାକୁ ଦଳ ଏପରି କରିବାକୁ ଯାଉଛି। ପୁମା ପକ୍ଷରୁ ପ୍ରସ୍ତୁତ ଏହି ସବୁଜ ଜର୍ସିର ଏକ ବିଶେଷତ୍ୱ ରହିଛି। ଏଗୁଡ଼ିକ ଶତ ପ୍ରତିଶତ ରିସାଇକ୍ଲଡ୍ ସାମଗ୍ରୀରୁ ପ୍ରସ୍ତୁତ। ଷ୍ଟାଡିୟମରୁ ବାହାରୁ ଥିବା ବର୍ଜ୍ଜ୍ୟବସ୍ତୁର ପ୍ରକ୍ରିୟାକରଣ କରି ଏଗୁଡ଼ିକୁ ତିଆରି କରାଯାଇଛି। ସମ୍ବଳର ସର୍ବୋତ୍ତମ ଉପଯୋଗ ସହ ବିଶ୍ୱକୁ ସ୍ଥାୟୀତ୍ୱର ବାର୍ତ୍ତା ଦେବା ଏହାର ଲକ୍ଷ୍ୟ। ଖେଳାଳିମାନେ କେବଳ ସବୁଜ ଜର୍ସି ପିନ୍ଧିବେ ନାହିଁ, ଷ୍ଟାଡିୟମ୍‌ରେ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ଜଙ୍ଗଲ ସଂରକ୍ଷଣର ବାର୍ତ୍ତା ଦେବାକୁ ଟସ୍



ସମୟରେ ଆରସିବି ଅଧିନାୟକ ରଜତ ପଟିଦାର ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲ୍‌ଙ୍କୁ ଏକ ଚାରା ପ୍ରଦାନ କରିବେ।

ଆର୍ସିବିର ଏହି ପରିବେଶ ସୁରକ୍ଷା ଅଭିଯାନ ନୂଆ ନୁହେଁ, ୨୦୧୧ରୁ ଏହା ଜାରି ରହିଛି। ଏହା ସହିତ ନିଜକୁ 'ଅଙ୍ଗାରକ ନିରପେକ୍ଷ' ବଜାୟ ରଖିବାକୁ ଏହି ଫ୍ରାଞ୍ଚାଇଜି ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଉଦ୍ୟମ କରିଚାଲିଛି। ସବୁଜ ଜର୍ସି ଏହି ଅଙ୍ଗୀକାରର ଏକ ପ୍ରତୀକ ଓ ଏହା ପ୍ରଶଂସକମାନଙ୍କୁ ପରିବେଶ ସୁରକ୍ଷା ଓ ସ୍ଥାୟୀତ୍ୱ ଦିଗରେ ଅନୁପ୍ରାଣିତ କରିବ ବୋଲି ଆର୍ସିବି ସିଇଓ ରାଜେଶ ମେନନ୍ କହିଛନ୍ତି। ନିଜର ଏହି ପରିବେଶ ସୁରକ୍ଷା ଅଭିଯାନରେ ନିଜ ପ୍ରଶଂସକମାନଙ୍କୁ ସାମିଲ କରିବାକୁ ଯାଉଛି ଆର୍ସିବି। ଷ୍ଟାଡିୟମ୍‌ରେ ଦର୍ଶକଙ୍କ ଆଚରଣ କେତେ ପରିବେଶ ଅନୁକୂଳ ତାହାର ସର୍ଭେ କରାଯିବ। ବିଶେଷକରି ସେମାନେ କେଉଁ ମାଧ୍ୟମରେ ଯାତ୍ରା କରି ଷ୍ଟାଡିୟମକୁ ଆସିଛନ୍ତି ତାହାର ସର୍ଭେ କରାଯିବ। ଏହା ସହିତ ନିଜସ୍ୱ ଗାଡ଼ି ବଦଳରେ ବେଙ୍ଗାଲୁରୁ ମେଟ୍ରୋ ଓ ଅନ୍ୟାନ୍ୟ ସର୍ବସାଧାରଣ ପରିବହନ ମାଧ୍ୟମ ବ୍ୟବହାର କରି ଷ୍ଟାଡିୟମକୁ ଆସିବାକୁ ପ୍ରଶଂସକ ମାନଙ୍କୁ ଉତ୍ସାହିତ କରାଯିବ।

## ମାଲାବାର ପକ୍ଷରୁ 'ଚିତ୍ରାଙ୍ଗୀ' ସଂଗ୍ରହ

**ଭୁବନେଶ୍ୱର,୧୮।୪:** ବିଶ୍ୱର ଅଗ୍ରଣୀ ଗହଣା ରିଟେଲର ଏବଂ ବିଶ୍ୱସନୀୟତା ତଥା ଦାୟିତ୍ୱବୋଧ ପାଇଁ ପରିଚିତ ଏକ ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁଏହାର ପଶ୍ଚିମବଙ୍ଗ, ଓଡ଼ିଶା ଓ ଝାଡ଼ଖଣ୍ଡରେ ଥିବା ସୋ'ରୁମ ଗୁଡ଼ିକରେ ପୂର୍ବଭାରତ ଆଧାରିତ ସଂଗ୍ରହ 'ଚିତ୍ରାଙ୍ଗୀ'ଜରିଆରେ ପବିତ୍ର ଅକ୍ଷୟ ତୃତୀୟାକୁ ପାଳନ କରାଯାଉଛି। ସୁନା ଓ ଅଳଙ୍କାରକ୍ରୟ ପାଇଁ ଅକ୍ଷୟ ତୃତୀୟାକୁ ଏକ ପବିତ୍ର ସମୟ ଭାବେ ବିଚାର କରାଯାଏ ଯାହା ହେଉଛି ସମୃଦ୍ଧି, ନୂତନ ଶୁଭାରମ୍ଭ ଓ ଦୀର୍ଘକାଳୀନ ମୂଲ୍ୟର ପ୍ରତୀକ। ସେହି ଭାବନାକୁ ନେଇ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ନିଖୁଣ କାରିଗରୀ ଥିବା ଗହଣା ସଂଗ୍ରହକୁ ଗ୍ରାହକଙ୍କ ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଉଭୟ ପାରମ୍ପରିକ ଓ ଅଧୁନିକତାର ଛାପକୁ ପ୍ରତିଫଳିତ କରୁଛି। ପୂର୍ବାଂଚଳ ଭାରତର ସାଂସ୍କୃତିକ ଓ କାରିଗରୀ ଐତିହ୍ୟରୁ 'ଚିତ୍ରାଙ୍ଗୀ' ଅନୁପ୍ରାଣୀତ ହୋଇଛି ଯାହା ନିଖୁଣ ଭାବେ ପ୍ରସ୍ତୁତ ସୁନା ଅଳଙ୍କାର ଜରିଆରେ ପାଳନ କରୁଛି। ମନ୍ଦିରର ରୂପରେଖ, ଅଳ୍ପନା ମୋଟିଫ ଓ ଶଙ୍ଖର ଗଠନ ଶୈଳୀଭଳିବହୁ ପାରମ୍ପରିକ ଡିଜାଇନରୁ ଆଧାରିତ ହୋଇଛି।

## ଟି-ଟ୍ୱେଣ୍ଟିରେ ଭାରତକୁ ହରାଇଲା ଦ.ଆଫ୍ରିକା

**ଡର୍ବାନ,୧୮।୪:** ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଭାରତୀୟ ମହିଳା ପ୍ରଥମରୁ ପରାଜୟର ସ୍ୱାଦ ଚାଖିଛି। ଡର୍ବାନରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ଟ୍ୱେଣ୍ଟି-୨୦ରେ ଭାରତକୁ ୬ ୱିକେଟରେ ପରାସ୍ତ କରିଛି ଦକ୍ଷିଣ ଆଫ୍ରିକା। ଟସ୍‌ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦



ଓଭରେ ୭ ୱିକେଟ୍ ହରାଇ ୧୫୭ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ହରମନପ୍ରିତ୍ କୌର ୪୭, ଜେମିମା ରୋଡ୍ରିଗ୍ସ ୩୬ ଓ ଶେଫାଳି ବର୍ମା ୩୪ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆୟାବୋଙ୍ଗା ଖାକା ୩ଟି ଓ ତୁମି ସେଖୁଖୁନେ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଲୌରା ଉଲଭାର୍ଟଙ୍କ ଅର୍ଦ୍ଧଶତକ ବଳରେ ( ୩୯ ବଲ୍ରୁ ୫୧ ରନ୍) ୪ ୱିକେଟ୍ ହରାଇ ୧୯.୧ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆନେରି ଡେର୍କସେନ୍ ୪୪ ଓ କ୍ଲୋଏ ଟ୍ରାୟନ ୧୮ ରନ୍ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ଶ୍ରେୟଙ୍କା ପାଟିଲ୍ ୨ ୱିକେଟ୍ ନେଇଥିବାବେଳେ ଶ୍ରୀ ଚାରନି ଓ ଅରୁନ୍ଧତୀ ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ଏଜିଆଇ ଇନଫ୍ରା ହାଉସିଂ ପ୍ରୋଜେକ୍ଟ ପାଇଁ ଜିଏମଏଡିଏ ଲାଇସେନ୍ସ ପାଇଛି

**ଭୁବନେଶ୍ୱର,୧୮।୪:** ଆବାସିକ ଏବଂ ବାଣିଜ୍ୟିକ ରିଅଲ୍ ଇଷ୍ଟେଟ୍ ବିକାଶରେ ବିଶେଷଜ୍ଞ ଏକ ଅଗ୍ରଣୀ କମ୍ପାନୀ ଇଏଓ ଇନଫ୍ରା ଲିମିଟେଡ୍ ଘୋଷଣା କରିଛି ଯେ ଏହା ଲାଇସେନ୍ସ ନମ୍ବର ପାଇଛି । ଗ୍ରେଟର ମୋହାଲି ଏରିଆ ଡେଭଲପମେଟ୍ ଅଥରିଟି ତରଫରୁ ଏଲ୍‌ସିଡି -୧୦୧/୨୦୨୬ ତାରିଖ ମାର୍ଚ୍ଚ ୩୧, ୨୦୨୬, ଏହାର ଗ୍ରୁପ୍ ହାଉସିଂ କଲୋନୀ, 'ୟୁଟୋପିଆ ବାଇ ଏଜିଆଇ'ର ବିକାଶ ପାଇଁ ନୂଆଦିଲ୍ଲୀ ଚଣ୍ଡିଗଡ଼ରେ କମ୍ପାନୀର ପ୍ରଥମ ପ୍ରକଳ୍ପକୁ ଚିହ୍ନିତ କରିଛି। ଏପ୍ରିଲ୍ ୧, ୨୦୨୬ ରେ କମ୍ପାନୀ ଦ୍ୱାରା ଲାଇସେନ୍ସ ଗ୍ରହଣ କରାଯାଇଥିଲା ।

ନ୍ୟୁ ଚଣ୍ଡିଗଡ଼ର ଏକ ପ୍ରିମିୟମ୍ ଆବାସିକ ଅଂଚଳରେ ୧୦.୨୬ ଏକର ମାପ କରୁଥିବା ଏକ ଜମି ପାର୍ସଲରେ ଏହି ପ୍ରକଳ୍ପ ବିକଶିତ ହେବ। 'ୟୁଟୋପିଆ ବାଇ ଏଜିଆଇ' ପ୍ରାୟ ୩୧,୯୩,୬୯୭ ବର୍ଗଫୁଟର ଏକ ବିକ୍ରୟ ଯୋଗ୍ୟ କ୍ଷେତ୍ର ପ୍ରଦାନ କରିବ ଏବଂ ୩ବିଏଚ୍‌କେ, ୪ ବିଏଚ୍‌କେ, ଏବଂ ୫ ବିଏଚ୍‌କେ ୟୁନିଟ୍ ସହିତ ଏକାଧିକ ବିନ୍ୟାସରେ ୬୬୧ ଆବାସିକ ଫ୍ଲାଟକୁ ନେଇ ଗଠିତ ହେବ। ଏହା ସହିତ ବାସିନ୍ଦାଙ୍କ ପାଇଁ ସୁଚିନ୍ତିତ ଭାବରେ ଯୋଜନା କରାଯାଇଥିବା ସୁବିଧା ଏବଂ ସୁବିଧା ମଧ୍ୟ ରହିବ। 'ୟୁଟୋପିଆ ବାଇ ଏଜିଆଇ' ନୂତନ ଚଣ୍ଡିଗଡ଼ ମାଇକ୍ରୋ-ମାର୍କେଟରେ ଏଜିଆଇ ଇନଫ୍ରା ଲିମିଟେଡର ରଣନୀତିକ ପ୍ରବେଶକୁ ପ୍ରତିନିଧିତ୍ୱ କରେ ଏବଂ ଏକ ବୃହତ ଆକାରର ପ୍ରିମିୟମ୍ ଗୃହ ବିକାଶ ସହିତ ଏହାର ଆବାସିକ ପ୍ରକଳ୍ପ ପୋର୍ଟଫୋଲିଓକୁ ମଜବୁତ କରେ ।

### ଆଇପିଏଲ ଟିକେଟରେ କଳାବଜାରୀ

## ଧରାପଡିଲେ ଷ୍ଟାଡିୟମର କ୍ୟାଣ୍ଟିନ କର୍ମଚାରୀ

**ନୂଆଦିଲ୍ଲୀ,୧୮।୪:** ଆଇପିଏଲ ଟିକେଟରେ ବ୍ୟାପକ କଳାବଜାରୀ। ଏହି କଳାବଜାରୀରେ ରହିଛି ଖୋଦ କ୍ରୀଡା ସଂଘ ଓ ଷ୍ଟାଡିୟମରେ ଥିବା କର୍ମଚାରୀଙ୍କ ହାତ। ବେଙ୍ଗାଲୁରୁ ପୁଲିସ୍ ଟିକେଟ କଳାବଜାରୀ ଉପରୁ ପରଦା ହଟାଇ ଚିନ୍ନାସ୍ୱାମୀ ଷ୍ଟାଡିୟମ କ୍ୟାଣ୍ଟିନର ଜଣେ କର୍ମଚାରୀଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ପୁଲିସ ପ୍ରାୟ ୧୦୦ଟି ମ୍ୟାଚ୍ ଟିକେଟ ଜବତ କରିଛି। ଏହି ଘଟଣା ଆଇପିଏଲ ମ୍ୟାଚ୍ ବେଳେ ବିଭିନ୍ନ ରାଜ୍ୟର କ୍ରୀଡା ସଂଘକୁ ବଣ୍ଟା ଯାଉଥିବା ଟିକେଟକୁ ନେଇ ଚିନ୍ତା ପ୍ରକଟ ପାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଚନ୍ଦ୍ରଶେଖର। ସେ ଷ୍ଟାଡିୟମ ଭିତରେ ଥିବା ଶ୍ରୀ ଲକ୍ଷ୍ମୀ କ୍ୟାଣ୍ଟିନର କର୍ମଚାରୀ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ମ୍ୟାଚ୍ ଟିକେଟକୁ ଉଚ୍ଚ ଦରରେ ବିକ୍ରି କରିବା ଘଟଣାରେ ସେ ସାମିଲ ରହିଥିଲେ। ଅଧିକାରୀଙ୍କ କହିବା କଥା ଯେ ଚନ୍ଦ୍ରଶେଖର ୧୫ରୁ ୧୯ ହଜାର ଟଙ୍କା ମୂଲ୍ୟରେ ଟିକେଟ ବିକ୍ରି କରୁଥିବା ବେଳେ ରଙ୍ଗେ ହାତ ଧରାପଡିଛନ୍ତି। ଟିକେଟର ପ୍ରକୃତ ମୂଲ୍ୟ ଠାରୁ ସେ ଅତି ଅଧିକ ଦାମରେ ଏହାକୁ ବିକ୍ରି କରୁଥିଲେ। ଜେରା ବେଳେ ଚନ୍ଦ୍ରଶେଖର ବଡ ତଥ୍ୟ ଦେଇଛନ୍ତି। ତାଙ୍କୁ ଆଇପିଏଲ ମ୍ୟାଚ୍ର ଟିକେଟ ଅଧିକ ଦାମରେ ବିକ୍ରି କରିବାକୁ କର୍ଣ୍ଣାଟକା ରାଜ୍ୟ କ୍ରିକେଟ ଆସୋସିଏସନର ସଦସ୍ୟ ଗଣେଶ ପରିକ୍ଷୀତ କହିଥିଲେ ବୋଲି ପୁଲିସ୍କୁ କହିଛନ୍ତି। ଚନ୍ଦ୍ରଶେଖର ଗିରଫ ହେବା ପରେ ପରିକ୍ଷୀତ ଫେରାର ହୋଇ ଯାଇଛନ୍ତି। ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। କେନ୍ଦ୍ରୀୟ କ୍ରାଇମ ବ୍ରାଞ୍ଚ ମଧ୍ୟ କିଛି ଘରୋଇ କମ୍ପାନୀର ନିର୍ଦ୍ଦେଶକଙ୍କ ବିରୋଧରେ ଟିକେଟ କଳାବଜାରୀ ଘଟଣାରେ ଏଫଆଇଆର କରିଛି। ଏବେ ଘଟଣାର ଅଧିକ ତଦନ୍ତ ଚାଲିଛି ଓ କର୍ଣ୍ଣାଟକା କ୍ରିକେଟ ସଂଘର ଭୂମିକା ସନ୍ଦେହ ଘେରକୁ ଆସିଛି। ଆଇପିଏଲ ଆରମ୍ଭ ହେବା ପୂର୍ବରୁ କର୍ଣ୍ଣାଟକାରେ ମ୍ୟାଚ୍ ଟିକେଟକୁ ନେଇ ବିବାଦ ଦେଖାଯାଇଥିଲା। ଉଦଘାଟନୀ ମ୍ୟାଚ୍ ଦେଖିବାକୁ ରାଜ୍ୟର ବିଧାୟକମାନେ ଜିଦ କରିଥିଲେ।

## କୋକ୍ ଷ୍ଟୁଡ଼ିଅ 'ବୁଲେୟା ଭେ' ବୁଲେ ଶାହାଙ୍କ ପରମ୍ପରାକୁ ନୂତନ ପିଢ଼ି ପାଖରେ ପହଂଚାଇବ

**ନୂଆଦିଲ୍ଲୀ,୧୮।୪:** ନିଜର ଚତୁର୍ଥ ସିଜିନର ପ୍ରଥମ ଗୀତ ଏ ଅଜନବୀର ସଫଳତା ପରେ, କୋକ୍ ଷ୍ଟୁଡ଼ିଅ ଭାରତ ଏହାର ଦ୍ୱିତୀୟ କୃତି ବୁଲେୟା ଭେ ନେଇ ଆସିଛି, ଯେଉଁ ଗୀତଟି ମାନବ ଜୀବନର ଏକ ଗଭୀର ସତ୍ୟ ଉପରେ ଆଧାରିତ: କେବେ କେବେ ନିଜର ଅହଂକାରରୁ ମୁକ୍ତି ପାଇ ଫେରି ଆସିବା ହିଁ ସବୁଠାରୁ କଠିନ ଯାତ୍ରା ହୋଇଥାଏ। କାଳଜୟୀ ସୁଫି କବି ବୁଲେ ଶାହା ଏବଂ ତାଙ୍କ ମୁର୍ଶିଦ ଶାହାଇନାୟତଙ୍କ କାହାଣୀରୁ ଅନୁପ୍ରାଣୀତ ଏହି ଗୀତଟି ଅହଂକାର, ଦୂରତା ଏବଂ ନମ୍ର କରିଦେଉଥିବା ଭଲ ପାଇବାକୁ ଚିତ୍ରଣ କରେ। ନିଜ ଗୁରୁଙ୍କ ପ୍ରତି ସମର୍ପିତ ବୁଲେ ଶାହାଙ୍କ ମନରେ କ୍ଷଣିକ ପାଇଁ ଆସିଥିବା ଅହଂକାର ତାଙ୍କ ସମ୍ପର୍କରେ ଫାଟ ସୃଷ୍ଟି କରିଥିଲା, ଯାହା ପରେ ଏକ ଦୀର୍ଘ ନୀରବତା ଏବଂ ଯନ୍ତ୍ରଣାର ରୂପ ନେଇଥିଲା। ଏହି ଗୀତଟି ସେହି ଅହଂକାରରୁ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ଆତ୍ମ ସମର୍ପଣ ପର୍ଯ୍ୟନ୍ତ ରହିଥିବା ଯାତ୍ରାକୁ ଅତି ନିଖୁଣ ଭାବରେ ବର୍ଣ୍ଣନା କରିଛି। ଅଶୋକ ମସ୍କିନ ଜଳନ୍ଧରର ଜଣେ କାରଖାନା ଶ୍ରମିକ, ଯାହାଙ୍କର ସ୍ୱାଭାବିକ ଏବଂ ନିଛକ କଣ୍ଠ ସ୍ୱର ଏହି ଗୀତରେ ଏକ ଜୀବନ୍ତ ଅନୁଭୂତି ଭରିଛି। ମଧୁର ଶର୍ମା ନିଜର ଶାନ୍ତ ଏବଂ ଭାବପୂର୍ଣ୍ଣ ଗାୟନ ଶୈଳୀରେ ବିରହ ଓ ଆକୁଳତାକୁ ପ୍ରକାଶ କରିଛନ୍ତି ଯେତେବେଳେ ସ୍ୱରିତ ଶୁକ୍ଲା ଏକ ସରଳ ତଥା ପ୍ରଭାବଶାଳୀ ସଙ୍ଗୀତ ସଂଯୋଜନା କରିଛନ୍ତି, ଯାହା ଗୀତର କାହାଣୀକୁ ଅଧିକ ଆକର୍ଷଣୀୟ କରିବାରେ ସାହାଯ୍ୟ କରିଛି। ଏ ସବୁକୁ ନେଇ ଏ ସମସ୍ତ କଳାକାର ଏବଂ ସେମାନଙ୍କର ସଙ୍ଗୀତକୁ ଏକାଠି କଲେ, ବୁଲେୟା ଭେ ନିଜକୁ ହଜାଇ ଦେବାର ଏକ ଅଭିପ୍ରାୟ ଅଟେ ଯାହାକି ହାରିବାରେ ନୁହେଁ କିନ୍ତୁ ମାନବିକତା ସହିତ ସାମିଲ ହୋଇଥାଏ କାରଣ ବେଳେ ବେଳେ ପ୍ରେମ ଏବଂ ବିଶ୍ୱାସ ବାସ୍ତବରେ ନିଜର ଶୁଭାରମ୍ଭ କରିଥାନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ